ବର୍ଷ-୨୬, ସଂଖ୍ୟା-୩୧୦
ଭୁବନେଶ୍ୱର
ନଭେମ୍ବର, ୨୦, ୨୦୨୬ ଶୁକ୍ରବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 310
Bhubaneswar
November, 20, 2026, Friday
Page-08, Rs.: 2.00

ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



କିର୍ତ୍ତି ସୁରେଶଙ୍କୁ କ୍ଷମା ମାଗିଲେ ପ୍ରଶଂସକ

ସ୍ଥଳଭାଗ ଆଡକୁ ମାଡିଆସୁଛି 'ଅକଭାନ'

ଭୁବନେଶ୍ୱର, ୧୯।୧୧(ମହାଭାରତ): ସାମୁଦ୍ରିକ ବାତ୍ୟା 'ଅକଭାନ'କୁ ନେଇ ଓଡ଼ିଶା ସରକାର ଜୋରଦାର ପ୍ରସ୍ତୁତି ଜାରି ରଖିଥିବା ବେଳେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ରାତିରେ ଏସ୍‌ଆରସିଙ୍କ କାର୍ଯ୍ୟାଳୟରେ ପହଞ୍ଚିଛନ୍ତି। ସେହିପରି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଏବଂ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ମଧ୍ୟ ଉପସ୍ଥିତ ଅଛନ୍ତି। ମୁକାବିଲା ପାଇଁ କେମିତି ପ୍ରସ୍ତୁତି ଜାରି ରହିଛି, ସେନେଇ ସମୀକ୍ଷା କରିଛନ୍ତି। ଭାରତୀୟ

ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ପାଣିପାଗ ବିଭାଗ ଅନୁସାରେ ବାତ୍ୟା ପୁରୀ ଏବଂ ଆନ୍ଧ୍ରପ୍ରଦେଶର ନର୍ସାପୁର ମଝିରେ ସ୍ଥଳଭାଗ ଛୁଇଁବ। ରିପୋର୍ଟ ଲେଖାଯିବା ବେଳକୁ ବାତ୍ୟା ଗୋପାଳପୁର ଦକ୍ଷିଣରୁ ୩୦୦କିମି ଏବଂ ପୁରୀ ଠାରୁ ୩୬୦କିମି ଦୂରରେ ଅଛି। ଏହା ଆସନ୍ତାକାଲି ମଧ୍ୟାହ୍ନରେ ସ୍ଥଳଭାଗ ଛୁଇଁବ ବୋଲି ସୂଚନା ମିଳିଛି।

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଭୀଷଣ ବାତ୍ୟା 'ଅକଭାନ୍' ଘଣ୍ଟାପ୍ରତି ୧୭ କିମି ବେଗରେ ଓଡ଼ିଶା ଓ ଆନ୍ଧ୍ର ଉପକୂଳ ଆଡ଼କୁ ମାଡ଼ି ଆସୁଛି। ଆସନ୍ତାକାଲି ମଧ୍ୟାହ୍ନରେ ଏହା ଆନ୍ଧ୍ରପ୍ରଦେଶର ନର୍ସାପୁର ଓ ପୁରୀ ମଧ୍ୟବର୍ତ୍ତୀ ଗୋପାଳପୁର ନିକଟରେ ସ୍ଥଳଭାଗ ଛୁଇଁବାର ସମ୍ଭାବନା ରହିଛି। ଲ୍ୟାଣ୍ଡଫଲ୍ ସମୟରେ ପବନର ବେଗ ଘଣ୍ଟାପ୍ରତି ୯୦ରୁ ୧୦୦ କିମି ରହିବା ସହ ୧୧୦ କିମି ପର୍ଯ୍ୟନ୍ତ ଝଟକା ପବନ ବୋହିବାର ଆଶଙ୍କା କରାଯାଉଛି।



ବାତ୍ୟାର ସମ୍ଭାବ୍ୟ ପ୍ରଭାବକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଦକ୍ଷିଣ ଓ ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର, ଉଦ୍ଧାରକାରୀ ଦଳଙ୍କ ମୁତୟନ ଓ ଜଳଭଣ୍ଡାର ଖାଲି କରିବା ପ୍ରକ୍ରିୟାକୁ ଯୁଦ୍ଧକାଳୀନ ଭିତ୍ତିରେ ତ୍ୱରାନ୍ୱିତ କରାଯାଇଛି। ଗୋଟିଏ ମାସ ମଧ୍ୟରେ ଆନ୍ଧ୍ରପ୍ରଦେଶ ଉପକୂଳକୁ ତିନୋଟି ବାତ୍ୟା ହିଟ୍ କରିବା ଏକ ଅତ୍ୟନ୍ତ ବିରଳ ଘଟଣା ବୋଲି ଆଇଏମଡି ଡିଜି ସୂଚନା ଦେଇଛନ୍ତି। ଆଜି ସକାଳେ ସ୍ୱତନ୍ତ୍ର ରିଲିଫ କମିଶନରଙ୍କ (ଏସଆରସି) କାର୍ଯ୍ୟାଳୟରେ ବାତ୍ୟା ପ୍ରସ୍ତୁତିର ସ୍ଥିତି ଅନୁଧ୍ୟାନ କରିବା ପରେ ମୁଖ୍ୟ ସଚିବ ଅନୁ ଗର୍ଗ 'ଜିରୋ କାଜୁଆଲିଟି' ବା ଶୂନ୍ୟ ମୃତାହତ ସରକାରଙ୍କ ପ୍ରାଥମିକତା ବୋଲି ସ୍ପଷ୍ଟ କରିଛନ୍ତି। ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଯେ, ରାଜ୍ୟର ୬୧୦୯ଟି ସମ୍ବେଦନଶୀଳ ସ୍ଥାନ ଚିହ୍ନଟ କରାଯାଇ ପ୍ରାୟ ୧ ଲକ୍ଷ ୫ ହଜାର ୩୦୪ ଜଣ ଲୋକଙ୍କୁ ୧୨୨୪ଟି ବାତ୍ୟା ଓ ବନ୍ୟା ଆଶ୍ରୟସ୍ଥଳୀକୁ ସ୍ଥାନାନ୍ତର କରାଯାଇଛି। ଏଥିରେ ପ୍ରାୟ ୧୦ହଜାର ଗର୍ଭବତୀ ମହିଳା ସାମିଲ ଥିବାବେଳେ ନଭେମ୍ବର ୩୦ ସୁଦ୍ଧା ଆସନ୍ନ ପ୍ରସବା ଥିବା ମହିଳାମାନଙ୍କୁ ନିକଟସ୍ଥ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି। କେବଳ ଗଞ୍ଜାମ ଜିଲ୍ଲାରୁ ୪୫୩୬୪ ଜଣ ଓ ଗଜପତି ଜିଲ୍ଲାରୁ ୧୮୦୨୦ ଜଣଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ରାଜ୍ୟରେ ମୋଟ ୯୨୯୯ଟି ବାତ୍ୟା ଆଶ୍ରୟସ୍ଥଳୀ ଚିହ୍ନଟ କରାଯାଇଥିବାବେଳେ ସେଠାରେ ଲୋକ ଓ ଶିଶୁମାନଙ୍କ ପାଇଁ ରନ୍ଧା ଓ ଶୁଖିଲା ଖାଦ୍ୟ, ପିଇବା ପାଣି, ଜରୁରୀ ଔଷଧ ଏବଂ ସାନିଟାରୀ ନାପକିନର ବ୍ୟବସ୍ଥା କରାଯାଇ ଆଶା ଓ ଅଙ୍ଗନବାଡି କର୍ମୀମାନଙ୍କୁ ନିୟୋଜିତ କରାଯାଇଛି।ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ସୂଚନା ଅନୁଯାୟୀ, ଆଜି ଓ ଆସନ୍ତାକାଲି ଗଜପତି, ଗଞ୍ଜାମ, ପୁରୀ, କନ୍ଧମାଳ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ରେଡ୍ ୱାର୍ଣ୍ଣିଂ ଜାରି ହୋଇଥିବାବେଳେ ୨୧ ତାରିଖରେ ମୟୂରଭଞ୍ଜ ଓ ବାଲେଶ୍ୱର ରେଡ୍ ଜୋନରେ ରହିବ।

ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ଗଞ୍ଜାମ, ଗଜପତି, ପୁରୀ, ଜଗତସିଂହପୁର, କେନ୍ଦ୍ରାପଡ଼ା ଓ କନ୍ଧମାଳ ଜିଲ୍ଲାର ସମସ୍ତ ସରକାରୀ ଓ ବେସରକାରୀ ସ୍କୁଲ ଏବଂ ଅଙ୍ଗନବାଡି କେନ୍ଦ୍ରକୁ ନଭେମ୍ବର ୧୯ରୁ ୨୧ ତାରିଖ ପର୍ଯ୍ୟନ୍ତ ୩ ଦିନ ବନ୍ଦ ରଖାଯାଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରେ ୧୯ ଓ ୨୦ ତାରିଖ ଦୁଇ ଦିନ ସ୍କୁଲ ବନ୍ଦ ଘୋଷଣା କରାଯାଇଛି। ଏଥିସହ ରାଜ୍ୟ ଚୟନ ବୋର୍ଡ (ଏସଏସବି) ପକ୍ଷରୁ ନଭେମ୍ବର ୨୧ ଓ ୨୩ ତାରିଖରେ ହେବାକୁ ଥିବା ଜୁନିଅର ଆସିଷ୍ଟାଣ୍ଟ ଓ ଜୁନିଅର କ୍ଲର୍କ ପରୀକ୍ଷାକୁ ସ୍ଥଗିତ ରଖାଯାଇଛି।ଉଦ୍ଧାର ଓ ପୁନରୁଦ୍ଧାର କାର୍ଯ୍ୟ ପାଇଁ ଗ୍ରାଉଣ୍ଡ ଜିରୋରେ ୬୦ଟି ଓଡ୍ରାଫ୍ ଟିମ୍, ୧୪ଟି ଏନଡିଆରଏଫ୍ ଟିମ୍ ଓ ୨୨୧ଟି ଅଗ୍ନିଶମ ବିଭାଗ ଟିମ୍ ମୁତୟନ ହୋଇଛନ୍ତି। ଅଗ୍ନିଶମ ଡିଜି ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି ଯେ ଭୂସ୍ଖଳନ ଓ ବାତ୍ୟା ପରବର୍ତ୍ତୀ ପ୍ରଥମ ୧୫ରୁ ୩୦ ମିନିଟ୍ ମଧ୍ୟରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିବା ପାଇଁ ମୋଟ ୩୮୮ଟି ଟିମ୍ ପ୍ରସ୍ତୁତ ରହିଛନ୍ତି। ୧୮୧ଟି ରବର ବୋଟ୍, ୨୩୩ଟି ଆସ୍କା ଲାଇଟ୍, ୧୦୨ଟି ଡିୱାଟରିଂ ପମ୍ପ ଏବଂ ୬୪୦ଟି ପାୱାର ଚେନସ ମହଜୁଦ ରଖାଯାଇଛି।

ଲାଞ୍ଜିବେର୍ଣ୍ଡା ଖଣିର ଜମି ଅଧିଗ୍ରହଣ ରଦ୍ଦ କଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୧୯।୧୧(ମହାଭାରତ): ଅନୁସୂଚିତ ଅଞ୍ଚଳରେ ଗ୍ରାମସଭାର ଅଧିକାରକୁ ନେଇ ସୁପ୍ରିମକୋର୍ଟ ଐତିହାସିକ ରାୟ ଦେଇଛନ୍ତି। ଜଷ୍ଟିସ୍ ଦୀପଙ୍କର ଦତ୍ତ ଓ ଜଷ୍ଟିସ୍ ସତୀଶ ଚନ୍ଦ୍ର ଶର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ସୁନ୍ଦରଗଡ଼ ଜିଲ୍ଲା ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟର ଲାଞ୍ଜିବେର୍ଣ୍ଡା ଖଣିର ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ରଦ୍ଦ କରିଛନ୍ତି। ଫୋରମ ଫର୍ ଗ୍ରାମସଭା ତରଫରୁ ଦାଏର୍ ମାମଲାର ଶୁଣାଣି କରି ଓଡ଼ିଶା ହାଇକୋର୍ଟଙ୍କ ପୂର୍ବ ରାୟକୁ ରଦ୍ଦ କରି ଜମି ଅଧିଗ୍ରହଣ ସମ୍ପର୍କିତ ବିଜ୍ଞପ୍ତି ଓ ତତ୍‌ସମ୍ପର୍କିତ ଆଦେଶଗୁଡ଼ିକୁ ମଧ୍ୟ ସୁପ୍ରିମ କୋର୍ଟ ରଦ୍ଦ କରିଛନ୍ତି। ଗ୍ରାମସଭାର ପୂର୍ବ ସମ୍ମତି ବିନା ଅନୁସୂଚିତ ଅଞ୍ଚଳରେ ଜମି ଅଧିଗ୍ରହଣ ବେଆଇନ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ତେବେ ଆଇନ ଅନୁଯାୟୀ, ନୂତନ ଭାବେ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବା ଉପରେ ସୁଯୋଗ ରହିଛି। ଏହି ରାୟ ପରେ ଜିଲ୍ଲା ପ୍ରଶାସନର ଜମି ଅଧିଗ୍ରହଣ



କରାସାଦି ପଦାକୁ ଆସିଥିବା ଚର୍ଚ୍ଚା ହେଉଛି।

ସୁପ୍ରିମକୋର୍ଟଙ୍କ ଅନୁଯାୟୀ, ଜମି ଅଧିଗ୍ରହଣ ଆଇନ, ୨୦୧୩ର ଧାରା ୪୧(୩) ଅନୁଯାୟୀ ଅନୁସୂଚିତ ଅଞ୍ଚଳରେ ଜମି ଅଧିଗ୍ରହଣ ପୂର୍ବରୁ ଗ୍ରାମସଭାର ସମ୍ମତି ବାଧ୍ୟତାମୂଳକ। ସମ୍ମତି ନ ନେଇ ଜମି ଅଧିଗ୍ରହଣ କଲେ ସମ୍ପୂର୍ଣ୍ଣ ପ୍ରକ୍ରିୟା ଆଇନଗତ ଭାବେ ତ୍ରୁଟିପୂର୍ଣ୍ଣ ହେବ। ଲାଞ୍ଜିବେର୍ଣ୍ଡା ଜମି ଅଧିଗ୍ରହଣ ପ୍ରସ୍ତାବକୁ ୨୦୨୦ ଜାନୁଆରି ୨୬ରେ ଦୁଇଟି ଗ୍ରାମସଭା ଖାରଜ କରିଥିଲେ। ଏହା ସତ୍ତ୍ୱେ ସରକାର ତଥା ସ୍ଥାନୀୟ ପ୍ରଶାସନ ଜମି ଅଧିଗ୍ରହଣ ପ୍ରକ୍ରିୟା ଆଗକୁ ବଢ଼ାଇଥିବାରୁ ସୁପ୍ରିମକୋର୍ଟ ଏହାକୁ ଆଇନର ଗୁରୁତର ଉଲ୍ଲଂଘନ ବୋଲି କହିଛନ୍ତି। ଏହି ପ୍ରକଳ୍ପ ପାଇଁ ସାମାଜିକ ପ୍ରଭାବ ଆକଳନ ସମୟରେ ପ୍ରକୃତରେ ଜନଶୁଣାଣି ହୋଇ ନଥିଲା ବୋଲି କୋର୍ଟ ଜାଣିବାକୁ ପାଇଥିଲେ।

ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି ଯେ ଖଣି ଓ ଖଣିଜ ଦ୍ରବ୍ୟ ଉନ୍ନୟନ ଓ ନିୟନ୍ତ୍ରଣ ଆଇନ ୧୯୫୭ ଅନୁଯାୟୀ ଖଣି ଲିଜ୍ ମିଳିଥିଲେ ମଧ୍ୟ ତାହା ତୃତୀୟ ପକ୍ଷ ଜମି ମାଲିକଙ୍କ ସମ୍ପତ୍ତି ଅଧିକାରକୁ ପ୍ରଭାବିତ କରିପାରିବ ନାହିଁ। ରାଜଗାଙ୍ଗପୁର ଡାଲମିଆ ସିମେଣ୍ଟ କାରଖାନା ପାଇଁ ଲାଞ୍ଜିବେର୍ଣ୍ଡା ଓ ବିହାବନ୍ଧ ମୌଜାର ଯଥାକ୍ରମେ ୨୭.୨୬ ଏକର ଓ ୯.୨୨ ଏକର ଜମି ଅଧିଗ୍ରହଣକୁ ନେଇ ବିବାଦ ଉପୁଜିଥିଲା। ଗ୍ରାମସଭାରେ ଜମି ଅଧିଗ୍ରହଣ ପ୍ରସ୍ତାବକୁ ପ୍ରଭାବିତ ଝଟଙ୍ଗ, କୁକୁଡ଼ା, କେଶ୍ରାମାଲ, ଝଗରପୁର, ଅଲଣ୍ଡା ପଞ୍ଚାୟତର ଅଧିବାସୀ ଖାରଜ କରିଥିଲେ। ଏହା ସତ୍ତ୍ୱେ ଜିଲ୍ଲା ପ୍ରଶାସନ ତଞ୍ଚକତା କରି ଗ୍ରାମସଭାରେ ପାରିତ କରିବା, 'ଜେ' ଫର୍ମରେ ସହମତି ନନେଇ ଜମି ଅଧିଗ୍ରହଣ କରୁଥିବା ପ୍ରଭାବିତ ଅଭିଯୋଗ କରିଥିଲେ। ତେବେ ଓଡ଼ିଶା ହାଇକୋର୍ଟ କମ୍ପାନି ସପକ୍ଷରେ ରାୟ ଦେବା ପରେ ଜମି ଅଧିଗ୍ରହଣ ପ୍ରକ୍ରିୟା ତ୍ୱରାନ୍ୱିତ କରିଥିଲା ପ୍ରଶାସନ। ଏହାକୁ ବିରୋଧ କରି ଗ୍ରାମସଭା କମିଟି ସୁପ୍ରିମକୋର୍ଟରେ ଆବେଦନ କରିବା ସହ ୨୦୨୫ ଡିସେମ୍ବର ୧୯ରେ ଅର୍ଥନୈତିକ ଅବରୋଧ କରିଥିଲେ।

ଏକାଠି ହେଲେ ଟ୍ରମ୍ପ-ଜିନପିଙ୍ଗ-ପୁଟିନ

ନୂଆଦିଲ୍ଲୀ, ୧୯।୧୧(ମହାଭାରତ):: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ, ଚାଇନାର ରାଷ୍ଟ୍ରପତି ସି ଜିନପିଙ୍ଗ ଓ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ମଧ୍ୟରେ ଐତିହାସିକ ବୈଠକ। ପ୍ରଥମଥର ପାଇଁ ବିଶ୍ୱର ଏହି ପ୍ରମୁଖ ନେତା ଚାଇନାର ଟେକ ହବ୍ ଶେନଝେନରେ କରିଛନ୍ତି ତ୍ରିପାକ୍ଷିକ ଆଲୋଚନା। ୩ ନେତା ଏକାଠି ପରସ୍ପର ସହ ଆଲୋଚନା କରିଥିବାରୁ ଏହା କୂଟନୀତିକ ସ୍ତରରେ ଗୋଟିଏ ବଡ଼ ସଫଳତା ଓ ପୂରା ବିଶ୍ୱ ପାଇଁ ଭଲ ସଙ୍କେତ ବୋଲି କୁହାଯାଉଛି।

ଏହି ବୈଠକକୁ ଐତିହାସିକ ବୋଲି ଅବିହିତ କରି ଜିନପିଙ୍ଗ କହିଛନ୍ତି ଯେ ପ୍ରଥମଥର ପାଇଁ ଚାଇନା, ରୁଷ ଓ ଆମେରିକାର ମୁଖ୍ୟମାନେ ଏକାଠି ଆଲୋଚନା ପାଇଁ ଆସିଛନ୍ତି। ଏହି ଭିତରେ ଟ୍ରମ୍ପ କହିଛନ୍ତି ଯେ ସେ ଅନ୍ୟ ଦେଶର ନେତାମାନଙ୍କ ସହ ସିଧା କଥାବାର୍ତ୍ତା କରି ଆମେରିକାର ବିଦେଶ ନୀତିରେ ଗୋଟିଏ ପରିବର୍ତ୍ତନ ଆପଣାଇଛନ୍ତି। ବିଶେଷ କରି ଆମେରିକାର ମତଭେଦ ରହିଥିବା ଦେଶର ନେତାମାନଙ୍କ ସହ ସେ ଏବେ ଆଲୋଚନା କରୁଥିବା କହିଛନ୍ତି। ଟ୍ରମ୍ପ ତ୍ରିପାକ୍ଷିକ ବୈଠକ ଆରମ୍ଭରୁ କହିଛନ୍ତି, "ବିଶ୍ୱର ୩ ସବୁଠାରୁ ବଡ଼ ଦେଶର ରାଷ୍ଟ୍ରପତି ଭାବେ ଆମ ଉପରେ ବିଶେଷ ଗୁରୁଦାୟିତ୍ୱ ରହିଛି। ଆମକୁ ସେହି ସବୁ ପ୍ରସଙ୍ଗରେ ଖୋଲାଖୋଲି, ପରସ୍ପରର ସମ୍ମାନ ଓ ଫଳପ୍ରଦ ହେଉଥିବା ଆଲୋଚନା କରିବାକୁ ପଡ଼ିବ ଯାହା କେବଳ ଆମ ଲୋକଙ୍କର ନୁହେଁ, ବରଂ ପୂରା ବିଶ୍ୱକୁ ପ୍ରଭାବିତ କରିଥାଏ।ମତଭେଦ ଥିବା



ଦେଶଗୁଡ଼ିକର ନେତାମାନଙ୍କ ସହ ପୂର୍ବରୁ ଆମେରିକାରେ କ୍ଷମତା ଦଖଲ କରୁଥିବା ଲୋକମାନେ ଆଲୋଚନାରୁ ପୁରେଇ ରହୁଥିଲେ। କିନ୍ତୁ ଆମେ ଏହାର ବିପରୀତ ଦିଗ ଉପରେ ଚିନ୍ତା କରୁଛି।ମତଭେଦ ଥିବା ନେତାମାନଙ୍କ ସହ ଆଲୋଚନାରୁ ପୁରେଇ ରହିଲେ କେବେ ବି କୌଣସି ବିବାଦର ସମାଧାନ ହେବ ନାହିଁ। କୌଣସି ଶକ୍ତି ବିନା ଆଲୋଚନାରେ ସମ୍ଭବ ନୁହେଁ। ଆଲୋଚନା ଓ ଏକାଠି କଥାବାର୍ତ୍ତା ହେବା ଦ୍ୱାରା ସାମାଧାନର ରାସ୍ତା ମିଳିଥାଏ। ଆମେ ଏବେ ଗୋଟିଏ ଭିନ୍ନ ପଥ ଆପଣାଇଛୁ।" ଜିନପିଙ୍ଗ ମଧ୍ୟ ଟ୍ରମ୍ପଙ୍କ ଏହି ଭାବନାକୁ ସମର୍ଥନ କରିଛନ୍ତି। ସେ ୩ ଦେଶ ମଧ୍ୟରେ ଅଧିକ ସହଭାଗିତା ଉପରେ ଗୁରୁତ୍ୱ ଦେଇ କହିଛନ୍ତି ଯେ ଦ୍ରୁତଗତିରେ ପରସ୍ପର ସହ ଯୋଡ଼ି ହେଉଥିବା ଦୁନିଆରେ ଗଠନମୂଳକ ଆଲୋଚନା ଅତ୍ୟନ୍ତ ଜରୁରୀ ରହିଛି।

ପ୍ରମୁଖ ଶକ୍ତି ଗୁଡ଼ିକ ମଧ୍ୟରେ ସକାରାତ୍ମକ ଆଲୋଚନା କୌଣସି ପସନ୍ଦର ବିଷୟ ନୁହେଁ, ବରଂ ଏହା ବାଧ୍ୟତାମୂଳକ ଆବଶ୍ୟକତା। ମାନବତା ଗୋଟିଏ ବିଶ୍ୱ ଗାଁରେ ରହୁଛି। ଏଠାରେ ସମସ୍ତଙ୍କ ଭାଗ୍ୟ ପରସ୍ପର ସହ ଜଡ଼ିତ। ବିଶ୍ୱ ସମୁଦାୟ ପାଇଁ ପ୍ରମୁଖ ଶକ୍ତିଗୁଡ଼ିକର ସ୍ୱତନ୍ତ୍ର ଦାୟିତ୍ୱ ରହିଛି ବୋଲି ଜିନପିଙ୍ଗ କହିଛନ୍ତି। ରୁଷ, ଚାଇନା ଓ ଆମେରିକା ମଧ୍ୟରେ ଘନିଷ୍ଠ ସହଭାଗିତା ନିଶ୍ଚିତ ଭାବେ ବିଶ୍ୱ ସୁରକ୍ଷା ଓ ସ୍ଥିରତାକୁ ଅଧିକ ସଶକ୍ତ କରିଥିବ। ହେଲେ ଏଥିପାଇଁ ୩ ଦେଶକୁ ଏକାଠି ଗଠନମୂଳକ ଭାବେ କାର୍ଯ୍ୟ କରିବାକୁ ହେବ ବୋଲି ମତ ରଖିଛନ୍ତି ପୁଟିନ। ସେ କହିଛନ୍ତି, "ଆମ ଦେଶଗୁଡ଼ିକ ମଧ୍ୟରେ ଆଞ୍ଚଳିକ ବିବାଦର ସମାଧାନ ସମ୍ପର୍କରେ ସମାନ ସ୍ୱାର୍ଥ ରହିଛି। ନିଶ୍ଚିତ ଭାବରେ ୟୁକ୍ରେନ ସଂଘର୍ଷ ମଧ୍ୟ ରହିଛି।

ଫେବୃଆରୀ ୧୬ରୁ ଯୁକ୍ତ ୨ ପରୀକ୍ଷା

ଭୁବନେଶ୍ୱର, ୧୯।୧୧(ମହାଭାରତ): ଫେବୃଆରୀ ୧୬ରୁ ଆରମ୍ଭ ହେବ ଯୁକ୍ତ ୨ ପରୀକ୍ଷା । ମାର୍ଚ୍ଚ ୩୧ ରେ ଶେଷ ହେବ ପରୀକ୍ଷା। ପରୀକ୍ଷା ସୂଚୀ ନେଇ ବିଜ୍ଞପ୍ତି ପ୍ରକାଶ କଲା ସିଏଚଏସଇ। କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ବିଭାଗ ପାଇଁ ପରୀକ୍ଷା ଅନୁଷ୍ଠିତ ହେବ। ପୂର୍ବାହ୍ନ ୧୦ଟାରୁ ଗୋଟିଏ ସିଟିଂରେ ହେବ ପରୀକ୍ଷା। ରେଗୁରାଲ ଓ ଏକ୍ସ ରେଗୁରାଲ ଛାତ୍ରଛାତ୍ରୀଙ୍କ ପାଇଁ ପରୀକ୍ଷା ହେବ। ସୂଚନା ଅନୁଯାୟୀ, ଯୁକ୍ତ ୨ ଥିଓରୀ ପରୀକ୍ଷା ଗୋଟିଏ ସିଟିଂରେ ଅନୁଷ୍ଠିତ ହେବ। ପରୀକ୍ଷା ପ୍ରତିଦିନ ସକାଳ ୧୦ଟାରୁ ଅପରାହ୍ନ ଗୋଟାଏ ପର୍ଯ୍ୟନ୍ତ ଚାଲିବ । ସେହିପରି ଡିସେମ୍ବର ୨୨ ତାରିଖରୁ ଇଣ୍ଟରନାଲ ଆସେସ୍‌ମେଣ୍ଟ ଆରମ୍ଭ ହେବ । ପ୍ରଥମ ପର୍ଯ୍ୟାୟ ଇଣ୍ଟରନାଲ ଆସେସ୍‌ମେଣ୍ଟ ଡିସେମ୍ବର ୨୨ରୁ ଜାନୁଆରି ୩ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ବେଳେ, ଦ୍ୱିତୀୟ ପର୍ଯ୍ୟାୟ ଇଣ୍ଟରନାଲ ଆସେସ୍‌ମେଣ୍ଟ ଜାନୁଆରି ୧୦ରୁ ୧୬ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ । ସେହିପରି ଜାନୁଆରି ୪ ତାରିଖରୁ ପ୍ରାକ୍ଟିକାଲ ପରୀକ୍ଷା ଆରମ୍ଭ ହୋଇ ଜାନୁଆରି ୧୬ ତାରିଖ ପର୍ଯ୍ୟନ୍ତ ଚାଲିବ ।

ବାଂଲାଦେଶରେ ପୁଣି ଅଶାନ୍ତି

ଢାକା, ୧୯।୧୧: ବାଂଲାଦେଶ ରାଜରାସ୍ତାରେ ଶକ୍ତି ପ୍ରଦର୍ଶନ କରିଛନ୍ତି ଶେଖ ହସିନାଙ୍କ ସମର୍ଥକ। ଛାତ୍ର ବିକ୍ଷୋଭ ଯୋଗୁ ଦେଶ ଛାଡ଼ି ହସିନା ଭାରତରେ ଆତ୍ମଗୋପନ କରିଥିବା ବେଳେ ଖୁବଶୀଘ୍ର ବାଂଲାଦେଶ ଫେରିବେ। ଏହାପୂର୍ବରୁ ତାଙ୍କ ସମର୍ଥକମାନେ ରାଜରାସ୍ତାକୁ ଓହ୍ଲାଇବା ଆରମ୍ଭ କରିଛନ୍ତି।ଏସବୁ ଭିତରେ ଦେଶର ଆଭ୍ୟନ୍ତରୀଣ ସରକାରର ପୂର୍ବତନ ମୁଖ୍ୟ ମହମ୍ମଦ ୟୁନିସଙ୍କ ପୈତୃକ ଘର ଜାଳି ଦେଇଛନ୍ତି କିଛି ଦୁର୍ବୃତ୍ତ। ଚଟ୍ଟୋଗ୍ରାମ ସ୍ଥିତ ମହମ୍ମଦ ୟୁନିସଙ୍କ ଘର ନିଆଁରେ ପୋଡ଼ି ଜଳି ପାଉଁଶ ହୋଇଯାଇଛି। ସ୍ଥିତି ଏପରି ହୋଇଛି ଯେ ବାଂଲାଦେଶର ପ୍ରଧାନମନ୍ତ୍ରୀ ତାରିକ ରହମାନ ନିଜ ଦଳ ବାଂଲାଦେଶ ନ୍ୟାଶନାଲିଷ୍ଟ ପାର୍ଟି ବା ବିଏନପିକୁ ହସିନାଙ୍କ ଦହ ଆବାମ ଲିଗକୁ ରାଜନୀତିକ ମଞ୍ଚରେ କାଉଣ୍ଟର କରିବାକୁ ଆହ୍ୱାନ ଦେଇଛନ୍ତି। ଏଥିସହ ଆବାମୀ ଲିଗର ରାଜନୀତିକ ଦାବିକୁ ଅଗ୍ରାହ୍ୟ କରିବାକୁ ସେ ଲୋକଙ୍କୁ ନିବେଦନ



କରିଛନ୍ତି ।ମିଳିଥିବା ସୂଚନା ଅନୁସାରେ, ଚଟ୍ଟୋଗ୍ରାମର ପଞ୍ଚଲୈଶରେ ରହିଛି ମହମ୍ମଦ ୟୁନିସଙ୍କ ପୈତୃକ ଘର। ଏହି ଘରର ଗ୍ରାଉଣ୍ଡ ଫ୍ଲୋରରେ ରାତି ପ୍ରାୟ ୧୧.୩୦ରେ ନିଆଁ ଲାଗି ଯାଇଥିଲା। କିଛି ଦୁବୃର୍ତ୍ତ ଏଠାରେ ନିଆଁ ଲଗାଇ ଦେବାରୁ ଏତେ ବଡ଼ ଘଟଣା ଘଟିଥିଲା।ଗ୍ରାଉଣ୍ଡ ଫ୍ଲୋର ଜଳୁଥିବା ବେଳେ ସେହି ଅଞ୍ଚଳରେ ପ୍ୟାଟ୍ରୋଲିଂ କରୁଥିବା ପୁଲିସ୍‌ର ନଜର ଏହା ଉପରେ ପଡ଼ିଥିଲା। ସେମାନେ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ଅଗ୍ନିଶମ ବାହିନୀ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ସ୍ଥାନୀୟ ପୁଲିସ ଅଧିକାରୀ କହିଛନ୍ତି ଯେ କେହି ବି ନିଆଁ ଲାଗିଥିବା ଗ୍ରାଉଣ୍ଡ ଫ୍ଲୋରରେ ରହୁ ନଥିଲେ। ଏହା ବ୍ୟବହାର ହେଉ ନଥିଲେ। ୟୁନୁସଙ୍କ ଦୁଇ ଭାଇ ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ମହଲାରେ ରୁହନ୍ତି ।ଏଥିରେ କାହାର କୌଣସି କ୍ଷୟକ୍ଷତି ହୋଇନାହିଁ। ଏବେ ପୁଲିସ୍ ଘଟଣାରେ ସାମିଲ ଦୁର୍ବୃତ୍ତଙ୍କୁ ଖୋଜିବାରେ ଲାଗିଛି।

ବିଧାନସଭା ଦ୍ୱିତୀୟ ଦିନ ଅଚଳ

ଭୁବନେଶ୍ୱର, ୧୯।୧୧(ମହାଭାରତ):ଶୀତ ଅଧିବେଶନର ଦ୍ୱିତୀୟ ଦିନରେ ଗୃହ ସରଗରମ । ଆରମ୍ଭରୁ ବିରୋଧୀଙ୍କ ନାରାବାଜିରେ କମ୍ପିଲା ବିଧାନସଭା । ଗୃହର ମଧ୍ୟଭାଗକୁ ଆସି ହଟ୍

ବେସନ ଲଡୁ



ସାମଗ୍ରୀ:

ବେସନ-୨୦୦ ଗ୍ରାମ୍, ଚିନି-୧୮୦ ଗ୍ରାମ୍ ଓ ଘିଅ-୧୫୦ ଗ୍ରାମ୍ ।

ପ୍ରଣାଳୀ:

ପ୍ୟାନ୍‌ରେ ଘିଅ ଗରମ କରି ଆଞ୍ଚ କମାନ୍ତୁ । ବେସନକୁ ପକାଇ ଭଲ କରି ଏପରି ଭାଜନ୍ତୁ, ଯେପରି ବିନ୍ଧା ଭଳି ହେବ ନାହିଁ । ଏଥର କମ୍ ଆଞ୍ଚରେ ବେସନକୁ ସୁନେଲି ରଙ୍ଗ ହେବା ଯାଏଁ ଭାଜନ୍ତୁ । ଏହା ପରେ ଏଥିରେ ଚିନି ପକାଇ ଗୋଳାନ୍ତୁ ଓ ଗ୍ୟାସ୍ ବନ୍ଦ କରନ୍ତୁ । ଭଲ ଭାବେ ଗୋଳାନ୍ତୁ, ଯେପରି ଗରମରେ ଚିନି ଟିକେ ତରଳି ମିଶିଯିବ । ଏଥର ଘିଅ ହାତ ହୋଇ ଗରମ ବେସନ ଚିନି ମିଶ୍ରଣରୁ ଅଳ୍ପ ଅଳ୍ପ ନେଇ ଲଡୁ ଭଳି ଗୋଲ ଗୋଲ କରନ୍ତୁ । ଭଲ ଭାବେ ବାନ୍ଧି ହୋଇଗଲେ ସୁରକ୍ଷିତ ପାତ୍ରରେ ରଖନ୍ତୁ । ଏହା ଖୁବ୍ ନରମ । ତେଣୁ ଟିକେ ଅଧିକ ଚାପ ଦେଲେ ଭାଙ୍ଗିଯାଇପାରେ । ତେଣୁ ସାବଧାନ ସହକାରେ ରଖିବେ । ବେସନ ଲଡୁକୁ ଏକ ସପ୍ତାହ ପର୍ଯ୍ୟନ୍ତ ରଖି ଖାଇହେବ ।

ଖବର

ଏକାଠି ନଜର ଆସିଲେ ତେନ୍ଦୁଲକର ପରିବାରର ତିନି ମହିଳା



କ୍ରିକେଟ୍ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କ ପରିବାର ପୁଣି ଥରେ ଚର୍ଚ୍ଚାକୁ ଆସିଛି। ଏଥର କ୍ରିକେଟ୍ ପାଇଁ ନୁହେଁ, ବରଂ ପରିବାରର ମହିଳାମାନଙ୍କ ମଧ୍ୟରେ ଥିବା ଭଲପାଇବା ଓ ଆତ୍ମୀୟତା ପାଇଁ ସେମାନେ ଚର୍ଚ୍ଚାରେ ରହିଛନ୍ତି। ସଚିନଙ୍କ ବୋହୂ ସାନିଆ ଚଣ୍ଡୋକ ନିଜ ଶାଶୁ ଅଞ୍ଜଳି ତେନ୍ଦୁଲକର ଓ ନଣନ୍ଦ ସାରା ତେନ୍ଦୁଲକରଙ୍କ ସହ କିଛି ସୁନ୍ଦର ଫଟୋ ସେୟାର କରିଛନ୍ତି। ଏହି ଫଟୋଗୁଡ଼ିକ ଏବେ ସୋସିଆଲ ମିଡିଆରେ ଖୁବ୍ ଚର୍ଚ୍ଚା ସାଉଁଟୁଛି। ନଭେମ୍ବର ୧୭ ତାରିଖରେ ମୁମ୍ବାଇର ଜିଓ ୱାର୍ଲ୍ଡ କନଭେନସନ୍ ସେଣ୍ଟରରେ ଆୟୋଜିତ ହୋଇଥିଲା ୨୦୨୬ ଅର୍ଥଶଟ୍ ପ୍ରାଇଜ୍ ପୁରସ୍କାର ସମାରୋହ। ଏହି କାର୍ଯ୍ୟକ୍ରମରେ ସଚିନ ତେନ୍ଦୁଲକରଙ୍କ ସହ ତାଙ୍କ ପତ୍ନୀ ଅଞ୍ଜଳି, ଝିଅ ସାରା ଓ ବୋହୂ ସାନିଆ ଯୋଗ ଦେଇଥିଲେ। ଗ୍ରୀନ୍ କାର୍ପେଟ୍‌ରେ ପରିବାରର ସମସ୍ତ ସଦସ୍ୟ ଏକାଠି ଫଟୋ ପୋଜ୍ ଦେଇଥିବା ଦୃଶ୍ୟ ଅନେକଙ୍କ ଦୃଷ୍ଟି ଆକର୍ଷଣ କରିଥିଲା। ଏହି ଅବସରରେ ସାନିଆ ଲାଲ୍ ରଙ୍ଗର ଆକର୍ଷଣୀୟ ଗାଉନ୍ ପିନ୍ଧିଥିବା ବେଳେ ଅଞ୍ଜଳି ଗାଢ଼ ମାରୁନ୍ ରଙ୍ଗର ସିକୁଇନ୍ ଗାଉନ୍‌ରେ ନଜର ଆସିଥିଲେ। ସେହିପରି ସାରା କଳା ରଙ୍ଗର ଷ୍ଟାଇଲିସ୍ ଗାଉନ୍ ପିନ୍ଧିଥିଲେ। ତିନିଜଣଙ୍କ ଭିନ୍ନ ଭିନ୍ନ ଫ୍ୟାଶନ୍ ଷ୍ଟାଇଲ୍ ସହ ସେମାନଙ୍କ ହସଭରା ଫଟୋ ସୋସିଆଲ ମିଡିଆରେ ଚର୍ଚ୍ଚାର ବିଷୟ ପାଲଟିଛି।

ବୟସ ଅନୁଯାୟୀ ରକ୍ତଚାପ କେତେ ରହିବା ଜରୁରୀ ?



ବର୍ତ୍ତମାନ ସମୟରେ ଉଚ୍ଚ ରକ୍ତଚାପ ସଭିଁଙ୍କ ପାଇଁ ସମସ୍ୟା ପାଲଟିଛି । ଉଚ୍ଚ ରକ୍ତଚାପ ସିଧାସଳଖ କୋଲେଷ୍ଟେରୋଲ୍ ଓ ହୃଦୟ ସହ ଜଡିତ । କୋଲେଷ୍ଟେରୋଲ୍ ବୃଦ୍ଧି ଓ ହୃଦୟ ସଠିକ୍ ଭାବେ କାମ ନକରିବା ଦ୍ୱାରା ପ୍ରଥମ ଲକ୍ଷଣ ଉଚ୍ଚ ରକ୍ତଚାପ ଭାବେ ଦେଖାଯାଏ । ତେଣୁ ବୟସ ଅନୁଯାୟୀ ରକ୍ତଚାପ କେତେ ରହିବା ଜରୁରୀ ତାହା ଜାଣିବା ନିତାନ୍ତ ଆବଶ୍ୟକ । କାରଣ ବୟସ ଅନୁଯାୟୀ ସଭିଁଙ୍କ ରକ୍ତଚାପ ଭିନ୍ନ ଭିନ୍ନ ହୋଇଥାଏ । ଜାଣନ୍ତୁ ୧୮ ବର୍ଷରୁ ଆରମ୍ଭ କରି ୬୦ ବର୍ଷ ପର୍ଯ୍ୟନ୍ତ ବୟସ ଅନୁଯାୟୀ କେତେ ରକ୍ତଚାପ ରହିବା ଦ୍ୱାରା ଶରୀର ସୁସ୍ଥ ରହିଥାଏ ।

୧୮-୩୯ ବର୍ଷ ଯୁବକଙ୍କ ୧୧୯/୭୦ ଓ ମହିଳାଙ୍କର ୧୧୦/୬୮ଏମଏମ ରକ୍ତଚାପ ରହିବା ସ୍ୱାସ୍ଥ୍ୟକର ବୋଲି କୁହାଯାଏ । ୪୦-୫୬ ବର୍ଷ ବ୍ୟକ୍ତିଙ୍କର ୧୨୪/୭୭ ଓ ମହିଳାଙ୍କର ୧୨୨/୭୪ ରକ୍ତଚାପ ସ୍ୱାସ୍ଥ୍ୟକର ଅଟେ । ସେହିପରି ୬୦ ବର୍ଷ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କର ୧୩୩/୬୯ ଓ ମହିଳାଙ୍କର ରକ୍ତଚାପ ୧୩୯/୬୮ ସଠିକ୍ ଅଟେ । ବୟସ ଅନୁଯାୟୀ ରକ୍ତଚାପ ଏତିକି ରହିବା ଦ୍ୱାରା ହୃଦୟ ସଠିକ୍ ଭାବେ କାର୍ଯ୍ୟ କରିଥାଏ। ଦୀର୍ଘାୟୁ ଓ ସୁସ୍ଥ ଜୀବନ ପାଇଁ ୧୦୦/୭୦ ରକ୍ତଚାପ ରହିବା ଜରୁରୀ।

ପେଟ ଥଣ୍ଡା କରେ ଗୁଡ

ନିୟମିତ ଗୁଡ ସେବନ କରିବା ଦ୍ୱାରା ଅନେକ ପ୍ରକାର ରୋଗରୁ ରକ୍ଷା ମିଳିଥାଏ । ଏହାକୁ ଆପଣ ନିୟମିତ ଡାଏଟର ସାମିଲ କଲେ ଶରୀରକୁ ଅନେକ ଲାଭ ମିଳିଥାଏ । ଆୟୁର୍ବେଦ ଅନୁସାରେ ସୁସ୍ଥ ରହିବା ନିମନ୍ତେ ଦୈନିକ ୨୦ଗ୍ରାମ ଗୁଡ ସେବନ କରିବା ଉଚିତ । ଚିନି ଖାଇଲେ ଶରୀରରେ ଅମ୍ଳ ବୃଦ୍ଧି ହେବା ସହ ଏସିଡିଟି ରୋଗ ବଢେ । ହେଲେ ଗୁଡ ଖାଇବା ଦ୍ୱାରା ଅମ୍ଳ ସମ୍ପୂର୍ଣ୍ଣ ଭାବେ ଦୂର ହୋଇଥାଏ ।

ଗୁଡ ସେବନର ଫାଇଦା ସମ୍ପର୍କରେ ଜାଣନ୍ତୁ –

ହାତ ଶକ୍ତ ରଖେ : ଯଦି ଆପଣଙ୍କ ଆଣ୍ଠୁ ଗଣ୍ଠିରେ ଦରଜ ଅନୁଭବ ହେଉଛି ତେବେ ଗୁଡ ସହିତ ଅଦା ଖାଇବା ଦ୍ୱାରା ଆପଣଙ୍କୁ ଲାଭ ମିଳିଥାଏ । କାରଣ ଗୁଡରେ ପ୍ରଚୁର ମାତ୍ରାରେ କ୍ୟାଲସିୟମ ଓ ଫୁସଫରସ ରହିଛି । ଏହି ଦୁଇଟି ତତ୍ତ୍ୱ ହାଡ ଶକ୍ତ କରିବାରେ ସହାୟତା କରେ ।

ଏନିମିଆ ରୋଗ : ଗୁଡରେ ପ୍ରଚୁର ପରିମାଣରେ ଆ । ଇ ର ନ ଥିବାରୁ ଏହା ଶ ର 1 ର କ୍ୟୁ ର୍ବି ଭି ନ୍ନ ରୋଗରୁ ରକ୍ଷା କରିଥାଏ । ଏଥି ସହି ତ ଏନି ମି ୟା । ରେ । ଗ 1 ଙ୍କ ପାଇଁ ଗୁଡର ସେବନ ଖୁବ ଉପକା । ର 1 ହୋଇଥାଏ ।

ଥଣ୍ଡାକାଶ : ଗୁଡ ଗରମ ହୋଇଥିବାରୁ ଥଣ୍ଡା ଦିନରେ ଏହାକୁ ଖାଇଲେ ଶରୀରର ଉଷ୍ମତା ରହିଥାଏ । ଏଥିସହିତ ଥଣ୍ଡା ଓ କାଶ ଭଳି ରୋଗରୁ ରକ୍ଷା କରିଥାଏ । ଗୁଡ ଖାଇଲେ ସଂକ୍ରମଣ ଜନିତ ରୋଗରୁ ବି ମୁକ୍ତି ମିଳିଥାଏ ।

ଗଳା ସମସ୍ୟା : କଳା ଲଙ୍କା, ଅଦା ଓ ଗୁଡକୁ ମିଶାଇ ଖାଇବା ଦ୍ୱାରା ଥଣ୍ଡା ଜ୍ୱର ଦୂର ହୁଏ । ଯଦି ଆପଣ ଗୁଡ ଓ ଅଦା କୁ ଗରମ କରି ଖା । ଇ ବେ ତେବେ ଗଳା ଜ ନି ତ ସମସ୍ୟାରୁ ତୁରନ୍ତ ଆରାମ ମିଳିବ ।

ପେଟ ପାଇଁ ଲାଭଦାୟକ: ଯଦି ଆପଣଙ୍କର କୋଷ୍ଠକାଠିନ୍ୟ,ଗ୍ୟାସ ଓ ଅମ୍ଳ ସମସ୍ୟା ରହିଛି ତେବେ ଗୁଡ ଖାଇବା ଭଲ । ଯଦି ଆପଣଙ୍କର ଆମ୍ଳିଳା ହେକୁଟି ଆସୁଛି ତେବେ ଗୁଡ ସହିତ କଳା ଲୁଣ ମିଶାଇ ଖାଆନ୍ତୁ । ଦେଖିବେ ନିହାତି ଆରାମ ଲାଗିବ । ଖାଇବା ପରେ ଗୁଡ ଖାଇବା ଦ୍ୱାରା ହଜମ ଶକ୍ତି ବଢିବା ସହ ଭୋକ ଲାଗିଥାଏ ।

ପେଟ ଥଣ୍ଡା ରଖେ ଗୁଡ : ଖାଇବା ପିଇବା ଠିକ୍ ଭାବେ ନକଲେ ପେଟ ଗରମ ହୋଇଯାଏ । ଏହାସହ ପଚିସ୍ରା ପୋଡା ଭଳି ସମସ୍ୟା ଦେଖାଦିଏ । ଏଭଳି କ୍ଷେତ୍ରରେ ଲେମ୍ବୁ ମିଶ୍ରିତ ପାଣିରେ ଗୁଡ ମିଶାଇ ପିଇଲେ ପେଟ ଥଣ୍ଡା ହୋଇଥାଏ ।

ଥଣ୍ଡା-କାଶରୁ ମୁକ୍ତି : ଥଣ୍ଡା କାଶରୁ ମୁକ୍ତି ପାଇବା ଲାଗି ଗୁଡ ଲାଭଦାୟକ । କଳା ଲୁଣ ଏବଂ ଅଦା ସହିତ ଗୁଡ ମିଶାଇ ଖାଇଲେ ଥଣ୍ଡା କାଶରୁ ଆରାମ ମିଳିଥାଏ । ଯଦି କାଶ ଲାଗିରହେ ତେବେ ଗୁଡ ଖାଇବା ଉଚିତ । ଗୁଡ ସହିତ ଅଦା ମିଶାଇ ଗରମ କରି ଖାଇବା ଦ୍ୱାରା ଗଳା ଠିକ୍ ଲାଗିଥାଏ ।

ଶିବଙ୍କ ୫ ମୁଖ୍ୟ ରହସ୍ୟ, ପ୍ରତ୍ୟେକ ଶିବଭକ୍ତ ଜାଣିବା ଉଚିତ



■ ଶିବଙ୍କ ବେକରେ ସାପ : ଶିବଙ୍କ ମଧ୍ୟରେ ପରସ୍ପର ବିରୋଧୀ ଭାବର ସାମଞ୍ଜସ୍ୟ ଦେଖିବାକୁ ମିଳେ। ଶିବଙ୍କ ମସ୍ତକରେ ଗୋଟିଏ ପଟେ ଚନ୍ଦ୍ର ଥିବାବେଳେ ଅନ୍ୟପଟେ ମହା ବିଷଧର ସାପ ବିଷଧର ସାପ ଶିବଙ୍କ ବେକରେ ହାର ଭଳି ଗୁଡେଇ ହୋଇ ରହିଥାଏ। ଭଗବାନ ଶିବଙ୍କ ବେକରେ ଗୁଡେଇ ହୋଇଥିବା ସାପ ହେଲେ ନାଗରାଜା ବାସୁକୀ । ବାସୁକୀ ନାଗ କଶ୍ୟପ ଋଷିଙ୍କ ପୁତ୍ର ଥିଲେ । ସେ ଶିବଙ୍କ ପରମ ଭକ୍ତ ବୋଲି କୁହାଯାଏ।

■ ଶିବଙ୍କ ମସ୍ତକରେ ଚନ୍ଦ୍ରମା : ଶିବଙ୍କ ମସ୍ତକରେ ଚନ୍ଦ୍ରମା ଶୋଭା ପାଏ । ଏହାକୁ ନେଇ ମଧ୍ୟ ଏକ ବିଶ୍ୱାସ ରହିଛି। ମହାରାଜା ଦକ୍ଷ ଚନ୍ଦ୍ରମାଙ୍କୁ କ୍ଷୟ ରୋଗର ଅଭିଶାପ ଦେଇଥିଲେ। ଏହି ରୋଗରୁ ବଞ୍ଚିବା ପାଇଁ ଚନ୍ଦ୍ରମା ଭଗବାନ ଶିବଙ୍କୁ ଆରାଧନା କରିଥିଲେ । ଚନ୍ଦ୍ରମାଙ୍କ ଭକ୍ତିରୁ ପ୍ରସନ୍ନ ହୋଇ ଏବଂ ତାଙ୍କ ସୁରକ୍ଷା ପାଇଁ ଶିବ ଚନ୍ଦ୍ରମାଙ୍କୁ ନିଜ ମସ୍ତକରେ ଧାରଣ କରିଥିଲେ ।

■ ଶିବଙ୍କ ଆଭୂଷଣ ଭସ୍ମ : ଭଗବାନ ଶିବ ଅନ୍ୟ ଭଗବାନଙ୍କ ଭଳି ଆଭୂଷଣ ଧାରଣ କରନ୍ତିନି। ଆଭୂଷଣ ବଦଳରେ ସେ ନିଜ ଶରୀରରେ ଭସ୍ମ ବୋଳି ହୋଇଥାନ୍ତି । ଶିବଙ୍କ ଅଭିଷେକ ମଧ୍ୟ ଭସ୍ମରେ ହୋଇଥାଏ। ଶିବ ସଂସାରର ଆକର୍ଷଣ ଠାରୁ ବହୁ ଦୂରରେ ମୋହ ମାୟା ତାଙ୍କ ପାଇଁ ଭସ୍ମ ଠାରୁ ଅଧିକ ନୁହେଁ ।

■ ଶିବଙ୍କ ତ୍ରିନେତ୍ର: ମହାଦେବଙ୍କର ତିନିଟି ନେତ୍ର। ସେଥିପାଇଁ ତାଙ୍କୁ ତ୍ରିନେତ୍ର ମଧ୍ୟ କୁହାଯାଏ। ସେ ଯେତେ ବେଳେ ନିଜର ତୃତୀୟ ନୟନ ଖୋଲନ୍ତି ସେତେବେଳେ ସାରା ସଂସାରର ବିନାଶ ହୋଇଯାଏ। ସୃଷ୍ଟିର ବିନାଶ ପାଇଁ ସେ ନିଜର ତୃତୀୟ ନୟନ ପ୍ରୟୋଗ କରିଥାନ୍ତି। ଶିବଙ୍କୁ ତୃତୀୟ ନୟନ କିଭଳି ମିଳିଥିଲା ସେହି ରହସ୍ୟ ବହୁତ ଲୋକ ଜାଣିନଥାନ୍ତି। ପୌରାଣିକ କଥା ଅନୁସାରେ, ଥରେ ହିମାଳୟରେ ଭଗବାନ ଶିବ ଏକ ସଭା କରୁଥିଲେ । ଏହି ସଭାରେ ସମସ୍ତ ଦେବତା, ଋଷି, ଜ୍ଞାନିଜନ ସାମିଲ ଥିଲେ। ସେତେବେଳେ ମାତା ପାର୍ବତୀ ଆସିଥିଲେ ଏବଂ ନିଜ ମନୋରଞ୍ଜନ ପାଇଁ ନିଜ ପାପୁଲିରେ ଶିବଙ୍କ ଆଖିକୁ ଢାଙ୍କି ଦେଇଥିଲେ। ମାତା ପାର୍ବତୀ ଯେମିତି ଶିବଙ୍କ ଆଖିକୁ ଢାଙ୍କିଦେଲେ। ସାରା ସଂସାରରେ ଅନ୍ଧାର ଛାଇ ଗଲା। ଏହାପରେ ସଂସାରର ଜୀବଜନ୍ତୁଙ୍କ ମଧ୍ୟରେ ହଇଚଇ ସୃଷ୍ଟି ହୋଇଥିଲା। ସଂସାରର ଏହିଭଳି ଦଶା ସେ ଦେଖିପାରିଲେ ନାହିଁ ଏବଂ ନିଜ ମସ୍ତକରେ ଏକ ଜ୍ୟୋତିଃପୁଞ୍ଜ ପ୍ରକଟ କରିଥିଲେ। ଯାହା ଶିବଙ୍କ ତୃତୀୟ ନୟନ ହୋଇଥିଲା।

■ ତାଣ୍ଡବ ନୃତ୍ୟ : ଭଗବାନ ଶିବଙ୍କ ତାଣ୍ଡବ ନୃତ୍ୟକୁ ନେଇ ଅଧିକାଂଶ ଲୋକ ପୁରା ରହସ୍ୟ ଜାଣିନଥାନ୍ତି । ଅଧିକାଂଶ ଲୋକ ଭାବନ୍ତି ତାଣ୍ଡବ ନୃତ୍ୟ ଭଗବାନ ଶିବଙ୍କ କ୍ରୋଧ ସହ ଜଡିତ ରୌଦ୍ର ତାଣ୍ଡବ କରୁଥିବା ଶିବଙ୍କ ଆଉ ଏକ ନାମ ରୁଦ୍ର କିନ୍ତୁ ଶିବଙ୍କ ଆଉ ଏକ ତାଣ୍ଡବ ନୃତ୍ୟ ଆନନ୍ଦ ପ୍ରଦାନ ମଧ୍ୟ କରିଥାଏ । ଏହାକୁ ଆନନ୍ଦ ତାଣ୍ଡବ କୁହାଯାଏ। ଆନନ୍ଦ ତାଣ୍ଡବ କରୁଥିବା ଶିବଙ୍କୁ ନଟରାଜ କୁହାଯାଏ।



ସେତୁବନ୍ଧ ନିର୍ମାଣରେ ଗୁଣ୍ଡୁଚି ମୂଷାର ଯୋଗଦାନ



ରାମାୟଣର କଥାବସ୍ତୁ ଅନୁସାରେ ଯେତେବେଳେ ଭଗବାନ ରାମ ମା ସୀତାଙ୍କ ଉଦ୍ଧାର ପାଇଁ ଲଙ୍କାରେ ପହଞ୍ଚିବାକୁ ସମୁଦ୍ରରେ ସେତୁବନ୍ଧ ନିର୍ମାଣ କରୁଥିଲେ ମହାବଳୀ ହନୁମାନଠାରୁ ଆରମ୍ଭ କମରି ପୂରା ବାନର ସେନା ଲାଗି ରହିଥିଲେ । ମହାବୀର ହନୁମାନ ଏବଂ ତାଙ୍କର ପୁରା ବାନର ସେନା ବଡ଼ ବଡ଼ ପଥର ସବୁରେ 'ଶ୍ରୀରାମ' ଲେଖି ନିର୍ମାଣ କାର୍ଯ୍ୟରେ ଲିପ୍ତ ରହିଥିଲେ । ଏହି ସମୟରେ ପ୍ରଭୁ ରାମଚନ୍ଦ୍ରଙ୍କ ଦୃଷ୍ଟି ଏକ ଗୁଣ୍ଡୁଚି ମୂଷା ଉପରେ ପଡ଼ିଲା । ଗୁଣ୍ଡୁଚି ମୁଷାଟି ସମୁଦ୍ର କୂଳରେ ଥିବା ବାଲିରେ ଗଡ଼ି ଯାଉଥିଲା ଏବଂ ଦେହରେ ଲାଗିଥିବା ବାଲିକୁ ପୋଲ ନିର୍ମାଣ ସ୍ଥଳରେ ଝାଡ଼ି ଦେଉଥିଲା । ଦୀର୍ଘ ସମୟ ପର୍ଯ୍ୟନ୍ତ ଗୁଣ୍ଡୁଚି ମୂଷାଟି ଏହି କାର୍ଯ୍ୟରେ ଲିପ୍ତ ରହିଥିବା ଭଗବାନ ରାମ ଦେଖିବାକୁ ପାଇଲେ । ଗୁଣ୍ଡୁଚି ପାଖକୁ ଯାଇ ଶ୍ରଦ୍ଧାରେ ଗୁଣ୍ଡୁଚି ମୂଷାକୁ ନିଜର ହାତରେ ଉଠାଇ କହିଲେ- ଯେ ତୁମେ କ'ଣ କରୁଛି । ଗୁଣ୍ଡୁଚି ମୂଷାଟି ଭଗବାନ ରାମଙ୍କୁ ପ୍ରଣାମ କଲା ଏବଂ କହିଲା – ମହାବଳୀ ହନୁମାନ ହନୁମାନ ତାଙ୍କର ପୂରା ବାନର ସେନା ବଡ଼ ବଡ଼ ପଥରରେ ଏହି ପୋଲର ନିର୍ମାଣ କରୁଛନ୍ତି । କିନ୍ତୁ ମୁଁ ଛୋଟ ଗୁଣ୍ଡୁଚି ମୂଷାଟିଏ । ତେଣୁ ମୋଦ୍ୱାରା ଯାହା ସମ୍ଭବ ତାହା ମୁଁ କରୁଛି । ଏହି କାମରେ ମୁଁ ମୋର ଏହି ଛୋଟିଆ ଯୋଗଦାନ ଦେବାକୁ ଚାହୁଁଛି । ଭଗବାନ ରାମ ଗୁଣ୍ଡୁଚିର ଏହି ଭାବନାରେ ଅତ୍ୟନ୍ତ ପ୍ରୀତ ହେଲେ ଏବଂ ଶ୍ରଦ୍ଧାରେ ତା ପିଠିକୁ ଆଉଁଶି ଦେଲେ । ସେହିଦିନଠାରୁ ଗୁଣ୍ଡୁଚି ମୂଷା ପିଠିରେ ଭଗବାନ ରାମଙ୍କ ଅଙ୍ଗୁଳି ଚିହ୍ନ ରହିଛି ।

ନଗରନକ୍ସା ମହାନଗରର ନିଜ ଭାଷା

ବିବିଧତା ମଧ୍ୟରେ ଏକତା ଭାରତର ପରିଚୟ

ଭୁବନେଶ୍ୱର, ୧୯।୧୧ (ମହାଭାରତ): ବିବିଧତା ମଧ୍ୟରେ ଏକତା ହେଉଛି ଭାରତର ପରିଚୟ ବୋଲି ଓଡିଶାର ରାଜ୍ୟପାଳ ଶ୍ରୀ ବ୍ରଜମୋହନ ରାମ କହିଛନ୍ତି କ୍ଷ ରବିବାର ଦିନ ଲୋକଭ୍ୱନ ପରିସରସ୍ଥିତ ନ୍ୟୁ ଅଭିଷେକ ହଲ୍ ଠାରେ ଝାଡଖଣ୍ଡ ରାଜ୍ୟର ପ୍ରତିଷ୍ଠା ଦିବସ ଓ ଜନଜାତୀୟ ଗୌରବ ଦ୍ୱିସ ପାଳନ ସମାରୋହରେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ପ୍ରତ୍ୟେକ ଭାଷାକୁ ସମ୍ମାନ, ପ୍ରତ୍ୟେକ ସଂସ୍କୃତିକୁ ଗୁରୁତ୍ୱ ଏବଂ ପ୍ରତ୍ୟେକ ନାଗରିକଙ୍କୁ ସମାନ ପ୍ରଗତିର ସୁଯୋଗ ମିଳୁଥିବା ଏକ ଭାରତ ଗଠନ ପାଇଁ ସାମୂହିକ ଉଦ୍ୟମ ଆବଶ୍ୟକ ବୋଲି ମଧ୍ୟ ରାଜ୍ୟପାଳ କହିଛନ୍ତି। ଏହି ଅବସରରେ ରାଜ୍ୟପାଳ ଝାଡ଼ଖଣ୍ଡବାସୀଙ୍କୁ ଶୁଭେଚ୍ଛା ଜଣାଇବା ସହ ଓଡ଼ିଶାରେ ରହୁଥିବା ଝାଡ଼ଖଣ୍ଡ ରାଜ୍ୟର ଲୋକଙ୍କୁ ସ୍ୱାଗତ କରିଥିଲେ। ଏହି ଉତ୍ସବ ଦୁଇ ରାଜ୍ୟ ମଧ୍ୟରେ ରହିଥିବା ସାଂସ୍କୃତିକ ସମ୍ପର୍କ, ଗୌରବ ଓ ଐତିହ୍ୟର ଉତ୍ସବ ବୋଲି ଅଭିହିତ କରିଥିଲେ। ମହାନ ଜନଜାତି ସ୍ୱାଧୀନତା ସଂଗ୍ରାମୀ ଭଗବାନ ବିର୍ସା ମୁଣ୍ଡାଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ରାଜ୍ୟପାଳ କହିଥିଲେ ଯେ, ତାଙ୍କର ସାହସ, ତ୍ୟାଗ ଓ ଆତ୍ମସମ୍ମାନ ପ୍ରତି ନିଷ୍ଠା ପିଢ଼ି ପରେ ପିଢ଼ିକୁ ପ୍ରେରଣା ଯୋଗାଇ ଆସୁଛି। ଆଦିବାସୀଙ୍କ ଅଧିକାର, ସଂସ୍କୃତି ଓ ମର୍ଯ୍ୟାଦାର ସୁରକ୍ଷା ପାଇଁ ବିର୍ସା ମୁଣ୍ଡା ଇଂରେଜ ଶାସନ ବିରୋଧରେ ଐତିହାସିକ ଉଲଗୁଲାନ ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏହା କେବଳ ସ୍ୱାଧୀନତା ସଂଗ୍ରାମ ନଥିଲା, ବରଂ ଜଳ, ଜଙ୍ଗଲ ଓ ଜମି ସହ ଜନଜାତିଙ୍କ ପରିଚୟ ଓ ଆତ୍ମସମ୍ମାନର ସୁରକ୍ଷା ପାଇଁ ଏକ ଆନ୍ଦୋଳନ ଥିଲା ବୋଲି ସେ କହିଥିଲେ। ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ସମୃଦ୍ଧ ସାଂସ୍କୃତିକ ଐତିହ୍ୟରେ ଭରପୂର ଝାଡ଼ଖଣ୍ଡର ପ୍ରଶଂସା କରି ରାଜ୍ୟପାଳ ନେତରହାଟ, ହୁଣ୍ଡ୍ରୁ, ଦଶମ, ଜହ୍ନା ଓ ଲୋଧ ଜଳପ୍ରପାତ ସମେତ ରାଜ୍ୟର ଜଙ୍ଗଲ, ପାହାଡ଼ ସମ୍ପର୍କରେ ଉଲ୍ଲେଖ କରିଥିଲେ। ବେତଲା ଜାତୀୟ ଉଦ୍ୟାନର ଜୈବ ବିବିଧତା ଏବଂ ଦେଓଘରସ୍ଥିତ ବାବା



ବୈଦ୍ୟନାଥ ଧାମର ଧାର୍ମିକ ମହତ୍ତ୍ୱ ସମ୍ପର୍କରେ ମଧ୍ୟ ରାଜ୍ୟପାଳ ଅବତାରଣା କହିଥିଲେ। ଝାଡ଼ଖଣ୍ଡର ମାଟିର ପୁଅ ଭାବେ ଏହି ରାଜ୍ୟ ସହ ତାଙ୍କର ଗଭୀର ଭାବନାତ୍ମକ ସମ୍ପର୍କ ରହିଛି ବୋଲି ରାଜ୍ୟପାଳ କହିଥିଲେ। ଏହାର ପରମ୍ପରା, ଲୋକସଂସ୍କୃତି ଓ ପରିଶ୍ରମୀ ଜନସାଧାରଣଙ୍କ ପାଇଁ ସେ ଗର୍ବ ଅନୁଭବ କରୁଥିବା ପ୍ରକାଶ କରିଥିଲେ। ଓଡ଼ିଶା ଓ ଝାଡ଼ଖଣ୍ଡ ମଧ୍ୟରେ ଥିବା ଘନିଷ୍ଠ ସମ୍ପର୍କ ଉପରେ ଆଲୋକପାତ କରି ରାଜ୍ୟପାଳ କହିଥିଲେ ଯେ, ଉଭୟ ରାଜ୍ୟର ଐତିହାସିକ, ଭୌଗୋଳିକ ଓ ସାଂସ୍କୃତିକ ମୂଳଦୁଆ ସମାନ। ବିଶେଷକରି ଜନଜାତି ଐତିହ୍ୟ ଉଭୟ ରାଜ୍ୟକୁ ଯୋଡ଼ି ରଖିଛି। ସୀମାନ୍ତ ଅଂଚଳର ଲୋକମାନେ ଦୀର୍ଘଦିନ ଧରି ସାମାଜିକ ଓ ସାଂସ୍କୃତିକ ସମ୍ପର୍କ ବଜାୟ ରଖିଛନ୍ତି। ପ୍ରକୃତି ପ୍ରତି ସମ୍ମାନ ଓ ସାମୂହିକ ଭାବନା ଉଭୟ ରାଜ୍ୟର ସାଧାରଣ ମୂଲ୍ୟବୋଧ ବୋଲି ରାଜ୍ୟପାଳ କହିଥିଲେ। ଓଡ଼ିଶାର ସାଂସ୍କୃତିକ ପରିଚୟ ସମ୍ପର୍କରେ କହି ସେ ଉଲ୍ଲେଖ କରିଥିଲେ ଯେ, ମହାପ୍ରଭୁ ଜଗନ୍ନାଥଙ୍କ ସହ ଜଡ଼ିତ ପରମ୍ପରା ସମାନତା, କରୁଣା, ସେବା ଓ ମାନବିକତାର ଚିରନ୍ତନ ବାର୍ତ୍ତା ପ୍ରଦାନ କରେ। ରଥଯାତ୍ରାରେ ସମାଜର ସମସ୍ତ ବର୍ଗର ଲୋକଙ୍କ ଅଂଶଗ୍ରହଣ ଏକତା, ଭାଇଚାରା ଓ ସାମୂହିକ ଭକ୍ତିଭାବର ପ୍ରତୀକ ବୋଲି ସେ କହିଥିଲେ। ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ 'ଏକ ଭାରତ, ଶ୍ରେଷ୍ଠ ଭାରତ' ପରିକଳ୍ପନା ଦେଶର ବିବିଧ ଭାଷା, ସଂସ୍କୃତି ଓ ପରମ୍ପରାକୁ ସମ୍ମାନ ଦେବା ପାଇଁ ଲୋକଙ୍କୁ ପ୍ରେରିତ କରୁଛି ବୋଲି ରାଜ୍ୟପାଳ କହିଥିଲେ। ଓଡ଼ିଶାର ବିକାଶରେ ଝାଡ଼ଖଣ୍ଡର ଲୋକମାନଙ୍କ ଅବଦାନକୁ ମଧ୍ୟ ସେ ପ୍ରଶଂସା କରିଥିଲେ। ସେମାନେ ନିଜର ସାଂସ୍କୃତିକ ପରିଚୟକୁ ବଜାୟ ରଖିବା ସହ ଉଭୟ ରାଜ୍ୟ ମଧ୍ୟରେ ଏକ ସେତୁ ଭାବେ କାର୍ଯ୍ୟ କରୁଛନ୍ତି ବୋଲି କହିଥିଲେ। ନିଜସ୍ୱ ସାଂସ୍କୃତିକ ପରିଚୟକୁ ଅକ୍ଷୁଣ୍ଣ ରଖି ସାମୂହିକ ଆକାଂକ୍ଷା ନେଇ ଆଗକୁ ବଢ଼ିବା ହିଁ ଜାତୀୟ ଏକତାର ପ୍ରକୃତ ଭାବନା ବୋଲି ରାଜ୍ୟପାଳ କହିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଶାରେ ରହୁଥିବା ଝାଡ଼ଖଣ୍ଡର ମୂଳ ବାସିନ୍ଦାମାନେ ନିଜର ଅନୁଭୂତି ବାଂଟିଥିଲେ। ଏଥିରେ ସିଆରପିଏଫ୍ ଡିଆଇଜି ରବୀନ୍ଦ୍ର କୁମାର ମଧ୍ୟ ନିଜ ଅନୁଭବ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ରାଜ୍ୟପାଳଙ୍କ କମିଶନର ତଥା ଶାସନ ସଚିବ ଡ. ରୂପା ରୋଶନ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

ଶିଶୁଙ୍କ ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ଜରୁରୀ

ଭୁବନେଶ୍ୱର, ୧୯।୧୧ (ମହାଭାରତ): ପ୍ରତ୍ୟେକ ଶିଶୁ ମାନଙ୍କ ପାଖରେ ଭରି ରହିଛି ଅନନ୍ୟ ପ୍ରତିଭା । ପ୍ରତିଭାର ବିକାଶ ପାଇଁ ପ୍ରତ୍ୟେକ ସ୍ତରରେ ଉଦ୍ୟମର ଆବଶ୍ୟକତା ରହିଛି । ଶିଶୁଙ୍କ ସୁରକ୍ଷା ଓ ବିକାଶ ପାଇଁ ସମ୍ମିଳିତ ଉଦ୍ୟମ ଜରୁରୀ ବୋଲି ସ୍ଥାନୀୟ ରେଡକ୍ରସ ଭବନଠାରେ ଆକ୍ୱନଏଡ୍ ଆସୋସିଏସନ୍ ଓ ସିସିଡବ୍ଲୁଡିଙ୍କ ମିଳିତ ଆନୁକୁଲ୍ୟରେ ଆୟୋଜିତ ଶିଶୁ ଦିବସ-୨୦୨୬ ଅବକାଶରେ ଅତିଥିମାନେ ମତ ପ୍ରକାଶ କରିଛନ୍ତି । ମୁଖ୍ୟ ଅତିଥି ଭାବରେ ଓଡିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧ୍ୟକ୍ଷା ବବିତା ପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ ଯେ- ଶିଶୁମାନଙ୍କ ବିକାଶ ଓ ସୁରକ୍ଷା ପାଇଁ ଆୟୋଗ ପ୍ରତିଶ୍ରୁତିବଦ୍ଧ । ଶିଶୁମାନେ କୌଣସି ଅସୁବିଧାର ସମ୍ମୁଖୀନ ହେଲେ ଚାଇଲ୍ଡ ଲାଇନ୍ ନମ୍ବର- ୧୦୯୮କୁ ଯୋଗାଯୋଗ କରନ୍ତୁ । ପିତାମାତା, ଅଭିଭାବକମାନେ ଶିଶୁ ପ୍ରତି ସ୍ନେହ, ଆଦର ଓ ଶିଶୁର ଶିକ୍ଷାକୁ ଗୁରୁତ୍ୱ ଦେବା ଓ ଶିଶୁମାନଙ୍କ ସର୍ବାଙ୍ଗୀନ ବିକାଶ ପାଇଁ ସମସ୍ତଙ୍କର ସହଯୋଗ ଓ ସମ୍ମିଳିତ ଉଦ୍ୟମ ଜରୁରୀ ବୋଲି ମତ ପ୍ରକାଶ କରିଥିଲେ ।

ଅନ୍ୟତମ ଅତିଥିଭାବରେ ଆକ୍ୱନଏଡ୍ ଆସୋସିଏସନ୍‌ର ସହଯୋଗୀ ନିର୍ଦ୍ଦେଶକ ଦେବବ୍ରତ ପାତ୍ର ଯୋଗଦାନ କରି ଶିଶୁମାନଙ୍କର ଶିକ୍ଷା ଓ ଦକ୍ଷତା ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । କାର୍ଯ୍ୟକ୍ରମରେ ସିସିଡବ୍ଲୁଡିର ସମ୍ପାଦକ ସଦାଶିବ ସ୍ୱାଇଁ ଅଧ୍ୟକ୍ଷତା କରି କହିଲେ ଯେ- ଶିଶୁଙ୍କ ପାଇଁ ଶିଶୁସାଥୀ ପରିବେଶ ଓ କୋଣଠେସା ହୋଇ ରହିଯାଉଥିବା ଶିଶୁ ମାନଙ୍କୁ ମୁଖ୍ୟ ସ୍ରୋତକୁ ଆଣିବାକୁ ପଡିବ । ଏଥି ନିମନ୍ତେ ତୃଣମୂଳ ସ୍ତରରୁ ବ୍ୟାପକ ସଚେତନତାକୁ ସୁଦୃଢ଼ କରିବାକୁ ପଡିବ । କାର୍ଯ୍ୟକ୍ରମରେ ରାଜଧାନୀର ବିଭିନ୍ନ ବସ୍ତିର ଶିଶୁ କ୍ଲବର ସଦସ୍ୟ/ ସଦସ୍ୟା ମାନେ ଯୋଗଦାନ କରିଥିଲେ । ପରିଶେଷରେ ଶିଶୁମାନେ ଏକକ ନୃତ୍ୟ, ଦଳଗତ ନୃତ୍ୟ ଓ ଗୀତ ପ୍ରଦର୍ଶନ କରିଥିଲେ । ସମସ୍ତ ଅଂଶଗ୍ରହଣକାରୀ ମାନଙ୍କୁ ପୁରସ୍କୃତ କରାଯାଇଥିଲା ।

ବିଏମ୍‌ସି ପକ୍ଷରୁ ସ୍ୱଚ୍ଛତା ସଚେତନତା



ଭୁବନେଶ୍ୱର, ୧୯।୧୧ (ମହାଭାରତ): ଶିଶୁ ଦିବସ ଅବସରରେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ସ୍ୱଚ୍ଛତା ଓ ଦାୟିତ୍ୱପୂର୍ଣ୍ଣ ଆବର୍ଜନା ପରିଚାଳନା ସମ୍ପର୍କରେ ସଚେତନ କରିବା ପାଇଁ ଏକ ଅଭିନବ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଅବସରରେ ମଜାଦାର ଖେଳ, ଫ୍ଲାସ୍ କାର୍ଡ ଏବଂ ସ୍ଲୋଗାନ ମାଧ୍ୟମରେ ପିଲାମାନଙ୍କୁ ସ୍ୱଚ୍ଛତାର ଗୁରୁତ୍ୱ ବୁଝାଯାଇଥିଲା। କାର୍ଯ୍ୟକ୍ରମରେ 'ପ୍ଲାଷ୍ଟିକ୍ ଦାନବ'ର ଉପସ୍ଥିତି ପିଲାମାନଙ୍କ ମଧ୍ୟରେ ବିଶେଷ ଆକର୍ଷଣ ସୃଷ୍ଟି କରିଥିଲା।ଏହି ଖେଳଭିତିକ ଶିକ୍ଷା ମାଧ୍ୟମରେ ଆବର୍ଜନାର ଚାରି ପ୍ରକାର ବର୍ଗୀକରଣ, ଉପଯୁକ୍ତ ଡଷ୍ଟବିନ୍ ର ବ୍ୟବହାର ଏବଂ ନିଜ ଚାରିପାଖର ପରିବେଶକୁ ସଫା ରଖିବା ସମ୍ପର୍କରେ ପିଲାମାନଙ୍କୁ ଶିକ୍ଷା ଦିଆଯାଇଥିଲା। ଶିଶୁମାନଙ୍କ ମଧ୍ୟରେ ଛୋଟବେଳୁ ଉତମ ଆବର୍ଜନା ପରିଚାଳନା ଅଭ୍ୟାସ ଗଢ଼ି ତୋଳିବା ସହ ସ୍ୱଚ୍ଛ ଓ ସୁନ୍ଦର ପରିବେଶ ଗଠନରେ ସେମାନଙ୍କୁ ସାମିଲ କରିବା ଏହି ପଦକ୍ଷେପର ମୁଖ୍ୟ ଉଦ୍ଦେଶ୍ୟ ଥିଲା।

ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

ଭୁବନେଶ୍ୱର,୧୯।୧୧ (ମହାଭାରତ): ରାଜ୍ୟର କୁନି ପ୍ରତିଭାମାନଙ୍କୁ ନେଇ ଆୟୋଜିତ ତିନିଦିନିଆ ରାଜ୍ୟସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୬'ଶନିବାର ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଏହି ସମାରୋହରେ ଭୁବନେଶ୍ୱର ମହାନଗର ନିଗମର ମେୟର ଶ୍ରୀମତୀ ସୁଲୋଚନା ଦାସ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡ଼ା. ଏନ୍. ତିରୁମାଲା ନାଏକ, ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀମତୀ ଯୁଗଲେଶ୍ୱରୀ ଦାଶ, ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକ ଶ୍ରୀ ବାଳମୁକୁନ୍ଦ ଭୂୟାଁ ଏବଂ ଓସେପାର ଭାରପ୍ରାପ୍ତ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ସଙ୍ଗୀତା ବେହେରା ପ୍ରମୁଖ ମଞ୍ଚାସୀନ ରହି ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ । ଉଦ୍‌ଯାପନୀ ଅଭିଭାଷଣ ଦେଇ ମାନ୍ୟବର ମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ଗଣ୍ଡ କହିଥିଲେ ଯେ ଗୋଟିଏ ଜାତିର ପ୍ରକୃତ ଶକ୍ତି ହେଉଛି ତାହାର ଶିକ୍ଷିତ, ସଚେତନ ଓ ଦକ୍ଷ ଯୁବପିଢ଼ି । ସେ ଆହୁରି ମଧ୍ୟ କହିଛନ୍ତି, ପ୍ରତ୍ୟେକ ଶିଶୁ ଯେପରି ଗୁଣାତ୍ମକ ଶିକ୍ଷା, ସମାନ ସୁଯୋଗ ଓ ଏକ ସୁରକ୍ଷିତ ଶିକ୍ଷଣ ପରିବେଶ ପାଇପାରିବେ, ସେଥିପାଇଁ ସରକାର ନିରନ୍ତର ପ୍ରୟାସ କରୁଛନ୍ତି । ବିଦ୍ୟାଳୟର ଭିତିଭୂମି ବିକାଶ, ଶିକ୍ଷାଦାନର ମାନ ବୃଦ୍ଧି, ଶିକ୍ଷକମାନଙ୍କ ଦକ୍ଷତା ବିକାଶ, ଡିଜିଟାଲ ଓ ବୈଷୟିକ ଶିକ୍ଷାର ପ୍ରସାର ସହିତ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବୈଜ୍ଞାନିକ



ମନୋଭାବ, ସୃଜନଶୀଳତା, କ୍ରୀଡ଼ା ଓ ସାଂସ୍କୃତିକ ପ୍ରତିଭାର ବିକାଶକୁ ସରକାର ଗୁରୁତ୍ୱ ଦେଉଛନ୍ତି । ଶିଶୁଟିଏ ହେଉଛି ଗୋଟିଏ ପରିବାରର ଆଶା, ସମାଜର ସମ୍ଭାବନା ଏବଂ ରାଷ୍ଟ୍ରର ଭବିଷ୍ୟତ । ତେଣୁ ସେମାନଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏକ ସୁସ୍ଥ, ସୁନ୍ଦର ଓ ସୁଯୋଗପୂର୍ଣ୍ଣ ପରିବେଶ ଗଢ଼ିଦେବା ଆମ ସମସ୍ତଙ୍କର ଦାୟିତ୍ୱ ବୋଲି ମନ୍ତ୍ରୀ ମତ ପ୍ରକାଶ କରିଛନ୍ତି । ଏଥିସହ ଉଦ୍ୟମ, ଶୃଙ୍ଖଳା, ପରିଶ୍ରମ ଫଳରେ ସଫଳତା ମିଳିବ ବୋଲି ମନ୍ତ୍ରୀ ପିଲାମାନଙ୍କୁ ଉତ୍ସାହିତ କରି କହିଛନ୍ତି । ଛାତ୍ରଛାତ୍ରୀମାନଙ୍କୁ ଉଦବୋଧନ ଦେଇ ମେୟର୍ ଶ୍ରୀମତୀ ସୁଲୋଚନା ଦାସ କହିଥିଲେ ଯେ ରାଜ୍ୟର କୋଣଅନୁକୋଣରୁ ଛାତ୍ରଛାତ୍ରୀମାନେ ସୁରଭି ମହୋତ୍ସବକୁ ଅପେକ୍ଷା କରି ରହିଥାନ୍ତି । ଏହି ମଂଚ ସେମାନଙ୍କୁ ଦକ୍ଷତା ପ୍ରଦର୍ଶନର ସୁଯୋଗ ପ୍ରଦାନ କରିଥାଏ । ଏଭଳି ଏକ ବୃହତ୍ ସ୍ତରରେ କାର୍ଯ୍ୟକ୍ରମ ଆୟୋଜନ କରିଥିବାରୁ ସେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରୟାସକୁ ମଧ୍ୟ ପ୍ରଶଂସା କରିଥିଲେ । ସେହିପରି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡ଼ା. ଏନ୍. ତିରୁମାଲା ନାଏକ ଛାତ୍ରଛାତ୍ରୀମାନଙ୍କୁ ଆଗାମୀ ଦିନରେ ଏହି ମହୋତ୍ସବର ସମାନ ଉତ୍ସାହ ସହିତ ଅଂଶଗ୍ରହଣ ଜାରି ରଖିବାକୁ ପ୍ରୋତ୍ସାହିତ କରିଥିଲେ । ସେ ସେମାନଙ୍କର ଅନ୍ତର୍ନିହିତ ପ୍ରତିଭାକୁ ମାର୍ଜିତ କରିବା ଏବଂ ଭବିଷ୍ୟତ ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ପରାମର୍ଶ ଦେଇଥିଲେ । ଏଥିସହ ସୁରଭିର ସଫଳ ଆୟୋଜନ ନିମନ୍ତେ ସମସ୍ତ ଅଧିକାରୀ, କର୍ମକର୍ତା, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକଙ୍କୁ ଧନ୍ୟବାଦ ଜଣାଇଥିଲେ । ଏହି ଅବସରରେ 'ପଢ଼ିବା ଗଢ଼ିବା, ଓଡ଼ିଶା ପୁସ୍ତକମାଳା' ଏବଂ 'ଅକ୍ଷର ଓ ଅଙ୍କ' ପତ୍ରିକାର ଶୁଭ ଉନ୍ମୋଚନ କରିଛନ୍ତି ମାନ୍ୟବର ମନ୍ତ୍ରୀ। ଶିକ୍ଷାର୍ଥୀଙ୍କ ମଧ୍ୟରେ ପଠନ ଅଭ୍ୟାସ ଏବଂ ମୌଳିକ ସାକ୍ଷରତା ଦକ୍ଷତା ବୃଦ୍ଧି ପାଇଁ ପ୍ରସ୍ତୁତ ୩୦୦ଟି ନୂତନ ବୟସ ଉପଯୋଗୀ ପଠନ ସାମଗ୍ରୀକୁ ମନ୍ତ୍ରୀ ଉନ୍ମୋଚନ କରିଥିଲେ।

ଆଇସିଜେ ପ୍ରେସିଡେଣ୍ଟ ୟୁଜି ଇୱାସାୱାଙ୍କ କିଟ୍ ଓ କିସ୍ ପରିଦର୍ଶନ

ଭୁବନେଶ୍ୱର, ୧୯।୧୧ (ମହାଭାରତ): ମିଳିତ ଜାତିସଂଘର ସର୍ବୋଚ୍ଚ ନ୍ୟାୟିକ ସଂସ୍ଥା ଇଣ୍ଟରନ୍ୟାସନାଲ୍ କୋର୍ଟ ଅଫ୍ ଜଷ୍ଟିସ୍ (ଆଇସିଜେ)ର ପ୍ରେସିଡେଣ୍ଟ ନ୍ୟାୟାଧୀଶ ୟୁଜି ଇୱାସାୱାଙ୍କ ସମେତ ଏହାର ଅନ୍ୟ ଦୁଇ ବରିଷ୍ଠ ବିଚାରପତି ନ୍ୟାୟାଧୀଶ ଲିଓନାର୍ଡୋ ନେମର କାଲଡେଇରା ବ୍ରାଣ୍ଟ ଓ ନ୍ୟାୟାଧୀଶ ବୋଗଦାନ୍-ଲୁସିଆନ୍ ଆଉରେସ୍କୁ କିଟ୍ ଓ କିସ୍ ପରିଦର୍ଶନରେ ଆସି ଓଡ଼ିଶାରେ ପହଞ୍ଚିଛନ୍ତି। ଆସନ୍ତାକାଲି କିସ୍ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ନ୍ୟାୟାଧୀଶ ଇୱାସାୱାଙ୍କୁ ସମ୍ମାନଜନକ 'କିସ୍ ହ୍ୟୁମାନିଟାରିଆନ୍ ସମ୍ମାନ' ପ୍ରଦାନ କରାଯିବ। ଏଥିସହ ଅନ୍ୟ ଦୁଇ ବିଚାରପତିଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯିବ। ଆଇସିଜେ ହେଉଛି ମିଳିତ ଜାତିସଂଘର ମୁଖ୍ୟ ନ୍ୟାୟିକ ସଂସ୍ଥା। ୧୯୪୫ ମସିହାରେ ପ୍ରତିଷ୍ଠିତ ଏହି ଅନ୍ତର୍ଜାତୀୟ ନ୍ୟାୟାଳୟ ନେଦରଲାଣ୍ଡସର ହେଗ୍ ସହରରେ ଅବସ୍ଥିତ। ରାଷ୍ଟ୍ର-ରାଷ୍ଟ୍ର ମଧ୍ୟରେ



ଉପୁଜୁଥିବା ଆଇନଗତ ବିବାଦର ସମାଧାନ କରିବା ଏହାର ପ୍ରମୁଖ ଦାୟିତ୍ୱ। ଏଥିସହ ମିଳିତ ଜାତିସଂଘର ଅଧିକୃତ ସଂସ୍ଥା ଓ ଅନୁଷ୍ଠାନଗୁଡ଼ିକୁ ଅନ୍ତର୍ଜାତୀୟ ଆଇନ ସଂପର୍କରେ ପରାମର୍ଶ ମଧ୍ୟ ପ୍ରଦାନ କରିଥାଏ। ବିଶ୍ୱରେ ଶାନ୍ତି, ନ୍ୟାୟ ଓ ଆଇନର ଶାସନ ପ୍ରତିଷ୍ଠା ସହ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସହଯୋଗ ଓ ସୁସଂପର୍କ ବଜାୟ ରଖିବାରେ ଆଇସିଜେର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ସୀମା ବିବାଦ, ସାମୁଦ୍ରିକ ଅଧିକାର, ଅନ୍ତର୍ଜାତୀୟ ଚୁକ୍ତିନାମା ଓ ଆଇନର ବ୍ୟାଖ୍ୟା ଭଳି ବିଭିନ୍ନ ପ୍ରସଙ୍ଗରେ ରାଷ୍ଟ୍ରଗୁଡ଼ିକ ମଧ୍ୟରେ ସୃଷ୍ଟି ହେଉଥିବା ବିବାଦର ଆଇନଗତ ସମାଧାନ କରିଥାଏ ଏହି ନ୍ୟାୟାଳୟ। ଦେଶ ଦେଶ ମଧ୍ୟରେ ଉତ୍ତେଜନା ଓ ସଂଘର୍ଷକୁ ନ୍ୟାୟିକ ପ୍ରକ୍ରିୟା ମାଧ୍ୟମରେ ସମାଧାନ କରି ଶାନ୍ତି ପ୍ରତିଷ୍ଠାରେ ସହାୟତା କରିବା ଏହାର ଅନ୍ୟତମ ଉଦ୍ଦେଶ୍ୟ। ଅନ୍ତର୍ଜାତୀୟ ଆଇନ ଓ ଚୁକ୍ତିନାମା ପ୍ରତି ସମ୍ମାନ ପ୍ରଦର୍ଶନ, ରାଷ୍ଟ୍ରଗୁଡ଼ିକର ଆଇନଗତ ଦାୟିତ୍ୱ ନିର୍ଦ୍ଧାରଣ ଏବଂ ନ୍ୟାୟାଳୟର ରାୟ ପାଳନ ଦିଗରେ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ଏହା ପୂର୍ବରୁ ଆଇସିଜେର ତିନି ଜଣ ବିଶିଷ୍ଟ ବିଚାରପତି କିଟ୍ ଓ କିସ୍ ପରିଦର୍ଶନ କରିସାରିଛନ୍ତି। ସେମାନେ ହେଲେ ଭାରତର ନ୍ୟାୟାଧୀଶ ଡ. ଦଲବୀର ଭଣ୍ଡାରୀ, ସୋମାଲିଆର ନ୍ୟାୟାଧୀଶ ଡ. ଅବୁଲକାଓ୍ୱି ଅହମ୍ମଦ ୟୁସୁଫ୍ ଏବଂ ବ୍ରାଜିଲ୍‌ର ନ୍ୟାୟାଧୀଶ ଆଣ୍ଟୋନିଓ ଅଗଷ୍ଟୋ କାନ୍‌ସାଡୋ ଟ୍ରିଣ୍ଡାଡେ। ଏହି ତିନି ଜଣଙ୍କ ସମେତ ବର୍ତ୍ତମାନ ପରିଦର୍ଶନରେ ଆସିଥିବା ଆଉ ତିନି ଜଣ ବିଚାରପତିଙ୍କୁ ମିଶାଇ ଆଇସିଜେର ମୋଟ ୬ ଜଣ ବିଚାରପତିଙ୍କ ପରିଦର୍ଶନ କିଟ୍ ଓ କିସ୍‌ର ଅନ୍ତର୍ଜାତୀୟ ପରିଚୟକୁ ଆହୁରି ସମୃଦ୍ଧ କରିଛି।

ଆମଓ୍ୱେ ଇଣ୍ଡିଆ ପକ୍ଷରୁ ପୁଷ୍ଟିକର ଖାଦ୍ୟ ବିତରଣ

ଭୁବନେଶ୍ୱର, ୧୯।୧୧ (ମହାଭାରତ): ଶିଶୁମାନଙ୍କର ପୁଷ୍ଟିଗତ ସ୍ୱାସ୍ଥ୍ୟରେ ଉନ୍ନତି ସାଧନ ନିମନ୍ତେ ନିଜର ସମାନ ପ୍ରତିବଦ୍ଧତା ଆଧାରରେ ସମଗ୍ର ଭାରତରେ ପିଲାମାନଙ୍କ ପାଇଁ ୧,୬୨,୦୦୦ ବିଦ୍ୟାଳୟ ଭୋଜନ ଯୋଗାଇଦେବାକୁ ଆମଓ୍ୱେ ଇଣ୍ଡିଆ, ଅକ୍ଷୟ ପାତ୍ର ଫାଉଣ୍ଡେସନ୍ ସହିତ ହାତ ମିଳାଇଛି। ଏହି ପ୍ରୟାସ ୧୬ଟି ରାଜ୍ୟ ଓ ୩ଟି କେନ୍ଦ୍ରଶାସିତ ଅଞ୍ଚଳରେ ଫାଉଣ୍ଡେସନ୍‌ର ରହିଥିବା ରୋଷଶାଳାଗୁଡିକ ଜରିଆରେ ଭୋଜନ ସମର୍ଥନ ଯୋଗାଇଦେବ ଏବଂ

ମହିଳା ଭୋଟ ନିର୍ଣ୍ଣାୟକ

ପୂର୍ବରୁ ମହିଳାମାନେ ଘରର ମୁଖ୍ୟ ପୁରୁଷଙ୍କ ନିର୍ଦ୍ଦେଶ ଅନୁସାରେ ନିଜର ପ୍ରତିନିଧି ଚୟନ କରୁଥିଲେ। କିନ୍ତୁ ସମୟ ବଦଳିଛି। ମହିଳାମାନେ ଶିକ୍ଷିତ ଏବଂ ସଚେତନ ହେଲେଣି। ତେଣୁ ସେମାନେ ନିର୍ବାଚନରେ ସ୍ୱାଧୀନ ଭାବେ ନିଷ୍ପତ୍ତି ନେଉଛନ୍ତି ଏବଂ ନିଜ ପସନ୍ଦର ଦଳ ବା ପ୍ରାର୍ଥୀ ଚୟନ କରୁଛନ୍ତି। ତେଣୁ ମହିଳା ଭୋଟ ବ୍ୟାଙ୍କ ସୃଷ୍ଟି କରିବାକୁ ସବୁ ରାଜନୈତିକ ଦଳ ଉଦ୍ୟମ କରୁଛନ୍ତି। ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ଶାସକ ମେଣ୍ଟର ବିଜୟ ଅନେକଙ୍କୁ ବିସ୍ମିତ କରିଥିଲା। ଏହା ପଛରେ ରହିଛି ମହିଳା ଭୋଟରଙ୍କ ଭୂମିକା। ଗୋଟିଏ ଦଳ ଲଗାତାର ୫/୧୦ ବର୍ଷ କ୍ଷମତାରେ ରହିବା ପରେ ଏହାର ଲୋକପ୍ରିୟତା ଏବଂ ଭୋଟ ହାର ହ୍ରାସ ପାଇଥାଏ। କ୍ୱଚିତ ଏହାର ବ୍ୟତିକ୍ରମ ଦେଖାଯାଇଥାଏ। କିନ୍ତୁ ଏବେ ଅନେକ ରାଜ୍ୟରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ତାମିଲନାଡୁରେ ମଧ୍ୟ ଥାଲାପତି ବିଜୟଙ୍କ ବିଜୟ ପଛରେ ମହିଳାଙ୍କ ଭୋଟ ନିର୍ଣ୍ଣାୟକ ସାବ୍ୟସ୍ତ ହୋଇଛି। ଏହା ପୂର୍ବରୁ ହରିୟାନାରେ ମଧ୍ୟ ଶାସନ କ୍ଷମତାରେ ଥିବା ଦଳ ନିର୍ବାଚନରେ ବିଜୟୀ ହୋଇଥିଲା। ଏହାର କାରଣ କ'ଣ ହୋଇପାରେ ସେଥିନେଇ ଚର୍ଚ୍ଚା ହେଉଛି। ଶାସନ କ୍ଷମତାରେ ଥିବା ଦଳ ବା ସରକାର ନିର୍ବାଚନର ଠିକ ପୂର୍ବରୁ ଏଭଳି କିଛି ଲୋଭନୀୟ ଯୋଜନା ଏବଂ କାର୍ଯ୍ୟକ୍ରମ ଘୋଷଣା କରୁଛନ୍ତି ଏବଂ ଏହାକୁ କାର୍ଯ୍ୟକାରୀ କରୁଛନ୍ତି ଯେଉଁଥିରେ ଭୋଟର ମାନେ ଶାସକ ଦଳ ସପକ୍ଷରେ ଯାଉଛନ୍ତି। ଆଉ କେତେକ ରାଜ୍ୟରେ ଶାସକ ବା ବିରୋଧୀ ଦଳ ପକ୍ଷରୁ ନିର୍ବାଚନ ଇସ୍ତାହାରରେ ଏଭଳି କିଛି ଲୋଭନୀୟ ପ୍ରତିଶ୍ରୁତି ଦିଆଯାଉଛି ଯାହାକୁ ଭରସା କରି ମଧ୍ୟ ମତଦାତା ସେମାନଙ୍କର ମତାଧିକାର ସାବ୍ୟସ୍ତ କରୁଛନ୍ତି। ସବୁ ଦଳ ନିର୍ଦ୍ଦିଷ୍ଟ ଗୋଷ୍ଠୀ ବା ସମ୍ପ୍ରଦାୟକୁ ପ୍ରଲୋଭିତ କରି ଏକ ଭୋଟ ବ୍ୟାଙ୍କ ସୃଷ୍ଟି କରୁଛନ୍ତି। ଜାତି, ଧର୍ମ ବା ଲିଙ୍ଗ ଆଧାରରେ ଏହି ଭୋଟ ବ୍ୟାଙ୍କ ସୃଷ୍ଟି କରାଯାଉଛି। ଅନେକ ଦଳ ମହିଳାମାନଙ୍କୁ ପ୍ରଲୋଭିତ ବା ପ୍ରଭାବିତ କରି ସେମାନଙ୍କ ଭୋଟ ହାତେଇବାରେ ସଫଳ ହେଉଛନ୍ତି। ଅତୀତରେ ଓଡ଼ିଶାରେ ବିଜେଡି ମହିଳା ଭୋଟ ବ୍ୟାଙ୍କ ସୃଷ୍ଟି କରି ଅନେକ ବର୍ଷ କ୍ଷମତାରେ ରହିଲା। ଏବେ ବିଜେପି ସେହି ନୀତି ଆପଣାଇଛି। ମହିଳାମାନେ ମିଳିତ ଭାବେ ଯାହାକୁ ଭୋଟ ଦେବେ ସେ ନିର୍ବାଚନୀ ସଫଳତା ପାଇବା ସ୍ୱାଭାବିକ। କାରଣ ଗତ କିଛି ବର୍ଷ ହେବ ନିର୍ବାଚନରେ ମହିଳାଙ୍କ ମତଦାନ ହାର ଅଧିକ ରହୁଥିବା ଦେଖାଯାଉଛି। ମହାରାଷ୍ଟ୍ରରେ ବିଜେପି ନେତୃତ୍ୱାଧିନ ମହାୟୁତିର ବିଜୟ ପଛରେ ଏହା ଏକ ବଡ଼ କାରଣ ବୋଲି ଖୋଦ ଶରଦ ପାୱାର ସ୍ୱୀକାର କରିଛନ୍ତି। ମହିଳାମାନେ ଏଥର ବହୁ ସଂଖ୍ୟାରେ ଆସି ମତଦାନ କରିବା ଦ୍ୱାରା ସବୁ ଆକଳନ ଭୁଲ ପ୍ରମାଣିତ ହେଲା ବୋଲି ସେ କହିଛନ୍ତି। ସେ କହିଛନ୍ତି ଯେ, ନିର୍ବାଚନ ପୂର୍ବରୁ ସିନ୍ଦେ ସରକାର ମହିଳାଙ୍କ ସମର୍ଥନ ପାଇବାକୁ ଲାଡଲି ବହେନ ଯୋଜନା କାର୍ଯ୍ୟକାରୀ କରିବା ଦ୍ୱାରା ମହିଳାମାନେ ବହୁ ସଂଖ୍ୟାରେ ଆସି ବିଜେପି ମେଣ୍ଟ ସପକ୍ଷରେ ଭୋଟ ଦେଲେ। ଠିକ ସେହିପରି ଝାଡ଼ଖଣ୍ଡରେ ଆଦିବାସୀ ମହିଳା ମାନେ ଜେଏମଏମ ନେତୃତ୍ୱାଧିନ ମେଣ୍ଟ ସପକ୍ଷରେ ଭୋଟ ଦେବା ଫଳରେ ସେଠାରେ ଏନଡିଏ ପରାଜିତ ହେଲା। ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କ ପତ୍ନୀ କଳ୍ପନା ସୋରେନ ଥିଲେ ଏହି ନିର୍ବାଚନରେ ମୁଖ୍ୟ ଆକର୍ଷଣ। ତାଙ୍କୁ ଦେଖିବା ପାଇଁ ଦୁରଦୂରାନ୍ତରୁ ଆଦିବାସୀ ମହିଳାମାନେ ନିର୍ବାଚନୀ ସଭାରେ ରୁଣ୍ଡ ହେଉଥିଲେ। ସେମାନେ ମିଳିତ ଭାବେ ଜେଏମଏମ ମେଣ୍ଟକୁ ସମର୍ଥନ କରିବା ଫଳରେ ସବୁ ପ୍ରକାର ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଇଣ୍ଡିଆ ବ୍ଲକ ସେଠାରେ ବିଜୟୀ ହେଲା। ନଚେତ ହେମନ୍ତ ସରକାରଙ୍କ ବିରୋଧରେ ଯେଉଁ ସବୁ ଦୁର୍ନୀତି ଅଭିଯୋଗ ରହିଥିଲା ସେଥିରେ ଏହି ଦଳ ପରାଜିତ ହେବା ସୁନିଶ୍ଚିତ ଥିଲା। କହିବା ବାହୁଲ୍ୟ ଯେ, ଗତ ଲୋକସଭା ନିର୍ବାଚନରେ ଉଭୟ ମହାରାଷ୍ଟ୍ର ଏବଂ ଝାଡ଼ଖଣ୍ଡରେ ଗତ ଲୋକସଭା ନିର୍ବାଚନରେ ବିପରୀତ ଫଳାଫଳ ଦେଖିବାକୁ ମିଳିଥିଲା।

ବଉଳାର ବିଷାଦ

॥ ପ୍ରଦୀପ୍ତ ବିଶ୍ୱାଳ ॥

ପୁରାଣ କାଳରେ ରାମ, କୃଷ୍ଣ

ମୋ ସହିତ ଖେଳୁଥିଲେ,

ଗାଇଗୋଠ ନେଇ ବଣଜଙ୍ଗଲ,

ନଈପଠା ବୁଲାଇ ବୁଲାଇ

ମୋତେ ମନଭରି ଖାଇବାକୁ

ଦେଉଥିଲେ। ମୋ ଦେହରେ

ବର୍ଷାଟିକେ ପଡିଲେ ଗିରି

ଗୋବର୍ଦ୍ଧନ ପାହାଡକୁ ଟେକି ଧରି

ମୋତେ ଆଶ୍ରୟ ଦେଇଥିଲେ।

ସେଥିପାଇଁ ମୁଁ ମଧ୍ୟ କୃତଜ୍ଞତାର

କାପର୍ଣ୍ଣ୍ୟତା କରିନାହିଁ। ମୁଁ କ୍ଷୀର,

ଦହି, ଲବଣୀ ଅଯାଚିତ ଭାବେ

ଅଜାଡି ଦେଇଛି। ସଂସାରରେ

ଯେତେ ପ୍ରକାର ଖାଦ୍ୟ ଅଛି,

ମୋର କ୍ଷୀରସର ଓ ଲବଣୀ ପ୍ରଭୁ

ଶ୍ରୀକୃଷ୍ଣଙ୍କର ସବୁଠୁ ପ୍ରିୟ।

ଗୋଟିଏ ଗାଈ। ମୋ ନାଁ 'ବଉଳା'। ମୋର ଚାରିଟା ଗୋଡ, ଗୋଟିଏ ମୁଣ୍ଡ, ଦୁଇଟି କାନ, ଦୁଇଟି ଶିଙ୍ଗ ଓ ଗୋଟିଏ ଲାଞ୍ଜ ଅଛି। ମଶା ଡାଆଁଶ ଦେହରେ ବସିଲେ ମୋ ଲାଞ୍ଜରେ ଘଉଡାଇ ଦିଏ। ମୁଁ କ୍ଷୀର ଦିଏ, ସେଥିରୁ ବଭିନ୍ନ ପ୍ରକାର ମିଷ୍ଟାନ୍ନ ବ୍ୟଞ୍ଜନ ପ୍ରସ୍ତୁତ ହୁଏ, ଠାକୁରଙ୍କ ପାଖେ ପ୍ରସାଦ ଲାଗେ। ମଣିଷ ତାକୁ ଖାଇ ସୁସ୍ଥ ରହେ। ମୋର ମଳ, ମୂତ୍ର, ଚର୍ମ, ଶିଙ୍ଗ, ହାଡ ସମସ୍ତ ଜିନିଷ ମଣିଷର ଉପକାରରେ ଲାଗେ। ମନେପଡେ ୩ୟ ଶ୍ରେଣୀରେ ପଢୁଥିବା ସମୟର ରଚନା ଲେଖିବା କଥା। ୧ମ ଶ୍ରେଣୀରେ ଅକ୍ଷର ଶିଖି ସରଳ ଶବ୍ଦ ଜାଣିବା, ୨ୟ ଶ୍ରେଣୀରେ ଛବିଳ ମଧୁ ବର୍ଣ୍ଣବୋଧର ଯୁକ୍ତାକ୍ଷର ଶିକ୍ଷା ସହ କେତେଗୁଡିଏ ଶବ୍ଦକୁ ନେଇ ଗୋଟିଏ ବାକ୍ୟଗଠନ କରିବା ଏବଂ ୩ୟ ଶ୍ରେଣୀରେ ଆରମ୍ଭ ହୁଏ କେତେଗୁଡିଏ ବାକ୍ୟକୁ ନେଇ ରଚନା ଲେଖିବା ଶୈଳୀ। ଆଉ ରଚନା ଆରମ୍ଭ ହୁଏ ଗାଈର ଆତ୍ମ କାହାଣୀରୁ। କାରଣ ମଣିଷ ଛୁଆଟି ମା'କ୍ଷୀର ଛାଡିଲେ ଗାଈ କ୍ଷୀର ପିଇ ବଡ ହୁଏ। ଗାଈ ତାର ୨ୟ ମାଆ। ଏଥିପାଇଁ ଗାଈକୁ ଗୋମାତା କୁହାଯାଏ। ଛୁଆଟିଏ ଜନ୍ମହୋଇ ହେତୁ ପାଇବା ପରେ ପ୍ରଥମେ ଗାଈକୁ ତାର ଘରେ ଦେଖେ। ସେଇଥିପାଇଁ ବୋଧହୁଏ ଗାଈର ଆତ୍ମକାହାଣୀରୁ ପାଠ ଆରମ୍ଭ ହୁଏ। ଗାଁଆରେ ଏମତି ଘର ନ ଥିବ ଯେଉଁ ଘରେ ଗାଈ ନଥିବ। ଗାଈ ସହିତ ପିଲାଦିନରୁ ପ୍ରତ୍ୟେକ୍ଷ ଭାବରେ ସଂସ୍ପର୍ଶରେ ଆସିଥବାରୁ ତା ବିଷୟରେ ରଚନା ଲେଖାରୁ ପାଠ ଆରମ୍ଭ ହୁଏ।

ମଣିଷର ଅଦରକାରୀ ଘାସକୁଟା, କୁଣ୍ଡାତୋରାଣୀରେ ମୋର ଶାନ୍ତି। ମଣିଷ ଭଳି ମାଛମାଂସ ପ୍ରତି ମୋର ଲୋଭ ନାହିଁ। ଆଗେ ମୋ ପାଇଁ ଗାଁ ମୁଣ୍ଡରେ ଚାରଣ ପଡିଆଟେ ଥିଲା। କିଛି ସମୟ ପାଇଁ ହେଉ ପଛେ ସାଙ୍ଗସାଥୀ ମାନଙ୍କ ସହ ମଶ ଘାସ ଚରେ ଓ ସୂର୍ଯ୍ୟାସ୍ତ ପୂର୍ବରୁ ଗାଁ ଦାଣ୍ଡରେ ଲାଞ୍ଜ ଟେକି ହେଣ୍ଡିମାରି ମହାଆନନ୍ଦରେ ଧୂଳି ଉଡାଇ ଘରକୁ ଫେରେ। ଏହି ସମୟକୁ ଗୋଧୂଳି ସମୟ କୁହାଯାଏ। ଲୋକମାନଙ୍କ ପାଇଁ ଏଇଟା ସବୁଠୁ ଶୁଭ ସମୟ। ଏବେ ଆଉ ସେତକ ସ୍ୱାଧୀନତା ନାହିଁ। ଗାଁଆରେ ଆଉ ଚାରଣ ଭୂମି ନାହିଁ କି ନଡାଛପର ଘର ନାହିଁ। ଇଟା ସିମେଣ୍ଟ କୋଠାଘରେ ନଡାର ଆବଶ୍ୟକତା ନାହିଁ। ମଣିଷ ମେହେନତ କରି ହଳଲଙ୍ଗଳ ଧରି ଆଉ ଚାଷ କରୁନି। ଟଙ୍କିକିଆ ଚାଉଳରେ କୁଣ୍ଡା ନାହିଁ କି ଚସୁ ନାହିଁ, ଯାହା ମୋ ଭାଗ୍ୟରେ ପଡିଥାଆନ୍ତା। ଖୁଣ୍ଟରେ ବନ୍ଧା ହୋଇ ମାଲିକର ହାତ ଟେକା ଦାନକୁ ଅପେକ୍ଷା କରି ରହିଥାଏ। ଛୁଆକୁ ଭୋକ କଲେ ସେ କାନ୍ଦିଲେ ତା ମାଆ ସବୁକାମ ଛାଡି ଦୌଡିଆସି ତାକୁ ଖାଇବାକୁ ଦିଏ, ମାତ୍ର ମୁଁ ଭେମା ରଡି ଛାଡିଲେ ମଧ୍ୟ ଶୁଣିବାକୁ କାହା ପାଖରେ ତର ନାହିଁ।

ପୁରାଣ କାଳରେ ରାମ, କୃଷ୍ଣ ମୋ ସହିତ ଖେଳୁଥିଲେ, ଗାଇଗୋଠ ନେଇ ବଣଜଙ୍ଗଲ, ନଈପଠା ବୁଲାଇ ବୁଲାଇ ମୋତେ ମନଭରି ଖାଇବାକୁ ଦେଉଥିଲେ। ମୋ ଦେହରେ ବର୍ଷାଟିକେ ପଡିଲେ ଗିରି ଗୋବର୍ଦ୍ଧନ ପାହାଡକୁ ଟେକି ଧରି ମୋତେ ଆଶ୍ରୟ ଦେଇଥିଲେ। ସେଥିପାଇଁ ମୁଁ ମଧ୍ୟ କୃତଜ୍ଞତାର କାପର୍ଣ୍ଣ୍ୟତା କରିନାହିଁ। ମୁଁ କ୍ଷୀର, ଦହି, ଲବଣୀ ଅଯାଚିତ ଭାବେ ଅଜାଡି ଦେଇଛି। ସଂସାରରେ ଯେତେ ପ୍ରକାର ଖାଦ୍ୟ ଅଛି, ମୋର କ୍ଷୀରସର ଓ ଲବଣୀ ପ୍ରଭୁ ଶ୍ରୀକୃଷ୍ଣଙ୍କର ସବୁଠୁ ପ୍ରିୟ। ଗୋପପୁରରେ ସମସ୍ତଙ୍କ ଘରୁ ଲୁଚି ଛପି ଖାଆନ୍ତି ଓ ଏହାକୁ ଅମୃତ ସମାନ ଆଖ୍ୟା ଦେଇଛନ୍ତି। ମୋର ସତ୍ୟନିଷ୍ଠା ଯୋଗୁଁ ହିଂସ୍ର ବ୍ୟାଘ୍ର ଭଳି ଜୀବ ମୋତେ ନ ଖାଇ ଛାଡିଦେଇ ଥିଲା। ମହର୍ଷି ବଶିଷ୍ଠଙ୍କ ଆଶ୍ରମରେ ମୁଁ କାମଧେନୁ ରୂପେ ସେବାପୂଜା ପାଉଥିଲି। ମୋ ସାହାଯ୍ୟରେ ସେ ପ୍ରବଳ ପ୍ରତାପୀ ବିଶ୍ୱାମିତ୍ରଙ୍କୁ ପରାସ୍ତ କରି ତାଙ୍କର ଅହଂକାରକୁ ଚୂର୍ଣ୍ଣ କରିଥିଲେ। ମୋ ଝିଅ ନନ୍ଦିନୀର ସେବା କରି ଅପୁତ୍ରିକ ମହାରାଜ ଦିଲ୍ଲୀପ ପୁତ୍ରବାନ ହୋଇ ରଘୁଙ୍କୁ ପୁତ୍ର ରୂପେ ପାଇଥିଲେ ଯିଏ ରଘୁକୁଳର ସ୍ଥାପନା କରିଥିଲେ। ପ୍ରଭୁ ରାମଚନ୍ଦ୍ର ଏହି କୁଳରେ ଜନ୍ମ ହୋଇ ରାବଣକୁ ମାରି ରାମରାଜ୍ୟ ପ୍ରତିଷ୍ଠା କରିଥିଲେ ଯାହା ଯୁଗ ଯୁଗକୁ ଆଦର୍ଶ ହୋଇ ରହିଛି।

ଶାସ୍ତ୍ର କହନ୍ତି, ମୋ ଦେହରେ ୩୩ କୋଟି ଦେବତା ଅଛନ୍ତି। ମୋତେ ସେବାପୂଜା କଲେ ଧର୍ମ, ଅର୍ଥ, କାମ ଓ ମୋକ୍ଷ ଚଉବର୍ଗ ପ୍ରାପ୍ତି ହୋଇଥାଏ। ପୁରାକାଳରେ ମୁନିଋଷିମାନେ ଆଶ୍ରମରେ ମୋତେ ପାଳନ କରି ମୋର ସେବାଯତ୍ନ କରୁଥିଲେ। ମୋଠାରୁ ଉତ୍ପନ ଘୃତରେ ଯଜ୍ଞାଦିକର୍ମ କରି ବର୍ଷା କରାଇବା ଓ ଜଳବାୟୁକୁ ବିଶୁଦ୍ଧ କରାଇ ସମାଜର ମଙ୍ଗଳ କାମନା କରୁଥିଲେ। ବିବାହ ସମୟରେ କନ୍ୟା ପିତାମାନେ କନ୍ୟାଦାନ ସହିତ ଗୋଦାନ କରି ପୁଣ୍ୟ ଅର୍ଜନ କରୁଥିଲେ। କିଛି ନ ହେଲେ କନ୍ୟାର ଯେଉଁ ସନ୍ତାନ ହେବ ସେ ଗାଈକ୍ଷୀର ଖାଇ ସୁସ୍ଥସବଳ ହୋଇ ଜୀବନ ଧାରଣ କରିବ। ଗୋଦାନ ର ପୂଣ୍ୟ ସର୍ବଶ୍ରେଷ୍ଠ।

ଲୋକମାନେ ମୋର କ୍ଷୀର ଓ କ୍ଷୀରରୁ ପ୍ରସ୍ତୁତ ଦହି, ଛେନା, ଲବଣୀ, ଘିଅ ଖାଇ ଶରୀରର ରୋଗ ପ୍ରତିଷେଧକ ଶକ୍ତି ବଢାଇ ଦୀର୍ଘଜୀବି ହେଉଥିଲେ ଓ ମୃତ୍ୟୁ ପର୍ଯ୍ୟନ୍ତ ନିଃରୋଗ ରହୁଥିଲେ। ଗୋମୂତ୍ର ପାନ କଲେ କୌଣସି ଦୁସାଧ ରୋଗ ମଧ୍ୟ ଶରୀରରେ ପ୍ରବେଶ କରିପାରିବ ନାହିଁ। ମୋର ଗୋବରକୁ ଲୋକମାନେ ଶୁଖାଇ ଜାଳେଣୀ କରନ୍ତି ଓ କମ୍ପୋଷ୍ଟ କରି କ୍ଷେତରେ ଦେଇ ସୁନାଫଳାନ୍ତି। ଗୋବରରୁ ପ୍ରସ୍ତୁତ ଗ୍ୟାସ୍‌ରୁ ରୋଷେଇ ପାଇଁ ଜାଳେଣୀ ରୂପେ ବ୍ୟବହାର କରିଆସୁଛନ୍ତି। ମୁଁ ମରିଗଲା ପରେ ମଧ୍ୟ ମୋର ଶିଙ୍ଗରେ ପାନିଆ ଡିଆରି କରି ମୁଣ୍ଡକୁଣ୍ଡାଇଲେ ମୁଣ୍ଡ ଥଣ୍ଡା ରହେ ଓ ମୁଣ୍ଡରୁ ଚୁଟି ଉପୁଡେ ନାହିଁ। ମୋର ଚମଡାରେ ଚପଲ, ବ୍ୟାଗ୍, ବେଲ୍ଟ, ବାଦ୍ୟଯନ୍ତ୍ର ଇତ୍ୟାଦି ଡିଆରି କରି ତାକୁ ବ୍ୟବହାର କରନ୍ତି।

ଏପରିକି ମୋର ହାଡକୁ ମଧ୍ୟ ସାର ପ୍ରସ୍ତୁତ କରି ଜମିରେ ବ୍ୟବହାର କରି ଉତ୍କୃଷ୍ଟ ଉତ୍ପାଦନ କରୁଥିଲେ। ଜୀବିତ ଏବଂ ମୃତ୍ୟୁ ପରେ ମଧ୍ୟ ଏହିପରି ମଣିଷର ସେବା କରିଆସୁଛି। ମୋର ଅଣ୍ଡିରା ବାଛୁରୀମାନେ ଜମିରେ ହଳକରି ସୁନା ଫଳାଉଥିଲେ। ଶଗଡରେ ବୋହି ଆଣି ଖଳାରେ ଗଦାକରିବା ପରେ ବେଙ୍ଗଳା ପକାଇ ତାକୁ ଅମଳ କରୁଥିଲେ। ଶଗଡଗାଡିରେ ନୂଆବୋହୂ ଶାଶୁଘରକୁ ଯାଉଥିଲା, ଲୋକମାନେ ଦୂରବାଟକୁ ଯାତାୟାତ କରିବା ସହିତ ଜିନିଷପତ୍ର ନେବାଆଣିବା କରୁଥିଲେ। ମୁଁ ମୋ ଛୁଆର ପେଟରୁ କାଟି କ୍ଷୀର ଅଜାଡି ଦିଏ। ମଣିଷ ମହାଆନନ୍ଦରେ ଚଳୁଥିଲା ପ୍ରତିବଦଳରେ ମୋତେ ଟିକେ ସ୍ନେହ ଓ ଯତ୍ନ କରୁଥିଲା। ମୋ ପରିବାର ବି ଆନନ୍ଦରେ ଥିଲା।

ଅତୁଟ ବିଶ୍ୱାସ

॥ ଡ଼ ପ୍ରତିଭା ମହାରଥୀ ॥

ସମଗ୍ର ସୃଷ୍ଟିର ସ୍ରଷ୍ଟା ଜଣେ। ଆମର ଚେତନା ତାଙ୍କ ସହ ଯୁକ୍ତ ହୋଇପାରିଲେ ଆମ ଭିତରେ ରହିଥିବା ସତ୍ୟ, ନିଷ୍ଠା ଓ ଭକ୍ତି ଆଦି ସଦ୍‌ଗୁଣାବଳୀର ଉନ୍ମେଷ ଘଟିବ ଓ ଆମର ଚେତନା ବିଶ୍ୱଚେତନାରେ ମିଶି ଏକାକାର ହୋଇଯିବ, ସେତିକିବେଳେ ହିଁ ଉପଲବ୍ଧି କରିହେବ ଯେ ଆମ ଭିତରେ ଥିବା ଛୋଟ 'ମୁଁ'ଟି କିପରି ବଶ୍ୱର କୋଣ ଅନୁକୋଣକୁ ବିଚ୍ଛୁରିତ ଆଉ ବିସ୍ତାରିତ ହୋଇଯାଉଛି। 'ମୁଁ' ରୂପକ ଅହଙ୍କାରର ଆବର୍ତ୍ତରୁ ଥରେ ବାହାରିଗଲେ ବିଶ୍ୱ ହୁଏ ନିଜର। ଏହାକୁ କୁହାଯାଏ ସାଧନା। ସମସ୍ତ ସଙ୍କୁଚିତ ଭାବନା ହେଉଛି ସ୍ୱାର୍ଥପରତା। କିନ୍ତୁ ବିଶ୍ୱ ଭିତରେ ନିଜକୁ ଦେଖିବା ହେଉଛି ଆଧ୍ୟାତ୍ମିକତା। ଆମେ ଜୀବନକୁ ଯେଉଁଭଳି ଦେଖିବା, ଜୀବନଠାରୁ ଆମେ ସେହିଭଳି ପାଇବା।

ସେହି ବିଶ୍ୱନିୟନ୍ତାଙ୍କୁ ଅନୁଭବ କରିବା ପାଇଁ 'ବିଶ୍ୱାସ' ଏକ ବଳିଷ୍ଠ ମାଧ୍ୟମ। ବିଶ୍ୱାସ ଏକ ମାନସିକ ଶକ୍ତି, ବିଶ୍ୱାସ ଏକ ଆତ୍ମିକ ଶକ୍ତି, ବିଶ୍ୱାସରେ ହିଁ ଭଗବାନଙ୍କୁ ଉପଲବ୍ଧି କରିହୁଏ। କୁହାଯାଏ ବିଶ୍ୱାସେ ମିଳନ୍ତି ହରି ତର୍କେ ବହୁ ଦୂରେ। ବିଶ୍ୱାସରେ ହିଁ ପ୍ରେମ, ଭକ୍ତି, ତ୍ୟାଗ ଭାବ ତିଷ୍ଠି ରହେ। ବିଶ୍ୱାସର ମୂଳଦୁଆ ଉପରେ ହିଁ ଏ ସୃଷ୍ଟି ଦଣ୍ଡାୟମାନ।

ଆସନ୍ତୁ ଶୁଣିବା ବିଶ୍ୱାସ ସମ୍ବନ୍ଧରେ ଛୋଟ ଗଳ୍ପଟିଏ। ଗୋଟିଏ ଗ୍ରାମରେ ଜଣେ ସନ୍ନ୍ୟାସୀ ଥିଲେ। ସେ ସର୍ବଦା ତାଙ୍କ ଭଗବାନଙ୍କୁ ନେଇ ମଗ୍ନ ଥାଆନ୍ତି, ପାଇଲେ ଖାଆନ୍ତି, ନ ହେଲେ ନାହିଁ - ଯେଉଁଠି ଇଚ୍ଛା ସେଇଠି ଶୋଇ ପଡ଼ନ୍ତି। ସବୁବେଳେ ଗ୍ରାମର କେତେକ ଭକ୍ତଙ୍କ ସାଥୀରେ ରାମ ଭଜନ ଅଥବା କୃଷ୍ଣ ଭଜନରେ ମାତି ଥାଆନ୍ତି। ଖରା, ବର୍ଷା, ଶୀତ, କାକରକୁ ତାଙ୍କର ଆଦୌ ଖାତିର ନଥାଏ। ଗାଁ ଶେଷ ବରଗଛ ମୂଳେ କୁଡ଼ିଆଟିଏ କରି ସେଠାରେ ରହୁଥାଆନ୍ତି। ଦିନେ ସେହି ଗ୍ରାମର ସବୁଠୁ ଧନୀ ଓ ପ୍ରତାପଶାଳୀ ଜମିଦାର ସେହି ସନ୍ନ୍ୟାସୀଙ୍କୁ ପାଖକୁ ଯାଇ ତାଙ୍କ ପ୍ରତି ଦୟା ଓ କରୁଣାରେ ବିଗଳିତ ହୋଇ ହାତଯୋଡ଼ି କହିଲେ - ହେ ବାବାଜୀ! ଆପଣ ଏଠାରେ ଏପରି ଅଳସୁଆମୀ କରି ଏତେ କଷ୍ଟକର ଜୀବନ କାହିଁକି ଭଲା ବଞ୍ଚୁଛନ୍ତି। ମୋ ଘରକୁ ଆସନ୍ତୁ, ମୁଁ ଆପଣଙ୍କୁ ଉପଯୋଗୀ ଚାକିରିଟିଏ ଦେବି। ଏଣୁ ତେଣୁ ଚାକିରି ନୁହେଁ। ମୋ ଘରେ ଜଗନ୍ନାଥ ମନ୍ଦିର ଅଛି।

ଭାଗବତ ଘର ଅଛି, ଅଷ୍ଟଧାତୁରେ ନିର୍ମିତ ଦୁର୍ଗାମୂର୍ତ୍ତି ମଧ୍ୟ ଅଛନ୍ତି। ଆପଣ ସେହିସବୁ ଦେବାଦେବୀଙ୍କୁ ପୂଜା ଅର୍ଚ୍ଚନା କରିବେ ଏବଂ ମୁଁ ଆପଣଙ୍କର ସବୁ ସୁଖ ସୁବିଧା କଥା ବୁଝିବି। ଜମିଦାରଙ୍କ ମୁହଁରୁ ଏହି ପ୍ରସ୍ତାବ ଶୁଣି ସେହି ଅନିକେତ ଅବଧୂତ ସନ୍ନ୍ୟାସୀ ହସିହସି ଖୁବ୍ ବିନୟରେ କହିଲେ - ହେ ଦୟାଳୁ ଜମିଦାର, ମୋତେ ଆପଣ କ୍ଷମା କରନ୍ତୁ। ଆପଣଙ୍କ ପ୍ରସ୍ତାବ ପାଇଁ ଧନ୍ୟବାଦ ଦେଉଛି। କିନ୍ତୁ ପାଞ୍ଚୋଟି କାରଣରୁ ମୁଁ ଆପଣଙ୍କ ପ୍ରସ୍ତାବ ଗ୍ରହଣ କରିପାରିବି ନାହିଁ। ଜମିଦାର ଏ କଥାରେ ସାମାନ୍ୟ କ୍ଷୁବ୍ଧ ହୋଇ କହିଲେ - ତାହେଲେ ସେହି ପାଞ୍ଚୋଟିଯାକ କାରଣ ଆପଣ ପ୍ରକାଶ କରନ୍ତୁ। ସନ୍ନ୍ୟାସୀ କହିଲେ - ପ୍ରଥମଟି ହେଲା ଭବିଷ୍ୟତରେ ଆପଣ ଆପଣଙ୍କ ସର୍ତ୍ତ ଭାଙ୍ଗି ପାରନ୍ତି।

ଦ୍ୱିତୀୟଟି ହେଲା - ଆପଣଙ୍କର ସମସ୍ତ ଧନସମ୍ପତ୍ତି ଉପରେ ଡକାୟତି ହୋଇପାରେ ବା ଆପଣ ଜମିଦାରୀ ହରାଇପାରନ୍ତି। ତୃତୀୟରେ - ଆପଣ ବର୍ତ୍ତମାନ ମୋତେ ଯାହା ସବୁ ଦେବାପାଇଁ କହୁଛନ୍ତି ଭବିଷ୍ୟତରେ ଦିନେ ସେଥିପାଇଁ ଆପଣଙ୍କର କୁଣ୍ଠା ଆସିଯାଇପାରେ। ଚତୁର୍ଥରେ - ଆପଣ ଯଦି କେବେ ଅକସ୍ମାତ୍ ମୋର କିଛି ଗୁରୁତର ଦୋଷ ଦେଖିବେ, ତାହାଲେ ବିରକ୍ତ ହୋଇ ମୋତେ ଚାକିରିରୁ ବାହାର କରିଦେଇପାରନ୍ତି ଏବଂ ପଞ୍ଚମରେ - ଯଦି ମୋ ପୂର୍ବରୁ ଆପଣଙ୍କର ମୃତ୍ୟୁ ହୋଇଯାଏ (ଭଗବାନ ନ କରନ୍ତୁ) ତେବେ ଆପଣଙ୍କ ଉତ୍ତରାଧିକାରୀମାନେ ମୋତେ ପୂଜାରୀ ଚାକିରିରୁ ବାହାର କରିଦେଇ ତାଙ୍କର ପ୍ରିୟଲୋକକୁ ରଖିପାରନ୍ତି। ହେ ଜମିଦାର ମହାଶୟ, ଆପଣ ଏବେ ଜାଣି ରଖନ୍ତୁ - ମୋର ଏପରି ଜଣେ ପ୍ରଭୁ ଅଛନ୍ତି - ଯାହାଙ୍କଠାରେ ମୁଁ ଆଶ୍ରୟ ନେଇଛି - ତାଙ୍କଠାରେ ଏହି ପାଞ୍ଚୋଟିଯାକ ଦୋଷ ନାହିଁ, ଏବେ ବୁଝନ୍ତୁ - ମୁଁ ମୋର ସେହି ପ୍ରିୟପ୍ରଭୁଙ୍କୁ ଛାଡ଼ି ଆପଣଙ୍କ ପାଖେ ଚାକରି କରିବାକୁ ଯିବି କାହିଁକି!! ଜମିଦାର ଖୁବ୍ ଅପ୍ରତିଭ ହୋଇ କହିଲେ - ହେ ସନ୍ନ୍ୟାସୀ, ଆପଣ କଣ ଆପଣଙ୍କ ପ୍ରଭୁଙ୍କୁ କେବେ ଦେଖିଛନ୍ତି? ସନ୍ନ୍ୟାସୀ ହସି ହସି କହିଲେ - ମୁଁ ତାଙ୍କୁ ଦେଖେ ବା ନ ଦେଖେ ମୋର କିନ୍ତୁ ଦୃଢ଼ ବିଶ୍ୱାସ ଯେ, ସେ ମୋତେ ପ୍ରତ ମୁହୂର୍ତ୍ତରେ ଦେଖୁଛନ୍ତି। ଜମିଦାର ତଥାପି ପଚାରିଲେ - ଆଚ୍ଛା ଯଦି କେବେ କୌଣସି କାରଣରୁ ଆପଣଙ୍କର ଆପଣଙ୍କ ପ୍ରିୟ ପ୍ରଭୁଙ୍କ ପ୍ରତି ଆସ୍ଥା ଓ ବିଶ୍ୱାସ କଟିଯାଏ??

ସନ୍ନ୍ୟାସୀ ଏଥର ହୋହୋ ହୋଇ ହସି ଉଠି



ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା



ଶୁକ୍ରବାର, ୨୦ ନଭେମ୍ବର, ୨୦୨୬

ସିଦ୍ଧେଶ୍ୱର ମନ୍ଦିର ଚୋରି ଓ ମୋବାଇଲ୍ ଚୋରି ଘଟଣାରେ ତିନି ଅଭିଯୁକ୍ତ ଗିରଫ

ପାରାଦୀପ, (ମହାଭାରତ): ପାରାଦୀପ ଲକ୍ ଥାନା ଅଂଚଳରେ ଥିବା ସିଦ୍ଧେଶ୍ୱର ମନ୍ଦିରରୁ ଚୋରୀ ସମେତ ଥାନା ଅଂଚଳରୁ ମୋବାଇଲ୍, ଗୃହ ଉପକରଣ ସାମଗ୍ରୀ ଚୋରୀ ନେଇ ଥାନାରେ ଅଭିଯୋଗ ହୋଇଥିଲା । ଏହି ଅଂଚଳର ରୟତ ସାହିର ଶିଶିର ମହାନ୍ତିଙ୍କ ପୁଅ ମିଥୁନ୍ ମହାନ୍ତିଙ୍କ ଏକ ମୋବାଇଲ୍ ଫୋନ୍ ଚୋରି ହୋଇଥିବା ନେଇ ଗତ ମଙ୍ଗଳବାର ଦିନ ଅଭିଯୋଗ ହୋଇଥିଲା । ପାରାଦୀପ ଲକ୍ ଥାନା ଅଧିକାରୀ ରଶ୍ମିରଂଜନ ଦାସ ପାରାଦୀପର ଭାରପ୍ରାପ୍ତ ଏଏସପି ରବିନ୍ଦ୍ର କୁମାର ପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଘଟଣା ଗୁଡିକର ତଦନ୍ତ ଆରମ୍ଭ କରିଥିଲେ । ତଦନ୍ତ ପରିସରରେ ଏହି ଘଟଣା ପଛରେ ୩ ଜଣ ଅଭିଯୁକ୍ତଙ୍କ ସଂପୃକ୍ତି ଥିବା ନେଇ ପୋଲିସ୍ ଜାଣିବାକୁ ପାଇଥିଲା । ଏହି ଅଭିଯୁକ୍ତମାନେ ଫେରିବାଲା ସାଜି ନିକଟବର୍ତୀ ଗ୍ରମ ଗୁଡିକରେ ପୁରୁଣା



ମୋବାଇଲ୍ କିଣିବା କାର୍ଯ୍ୟ କରୁଥିଲେ । ଏଥି ସହିତ ବିଭିନ୍ନ ସମୟରେ ଛୋଟ ଛୋଟ ଚୋରୀ କରୁଥିଲେ । ପାରାଦୀପ ଲକ୍ ଥାନାର ଅଭିଜ୍ଞ ଅଧିକାରୀ ଖୁବ୍ ଶୀଘ୍ର ଏହି ଅଭିଯୁକ୍ତମାନଙ୍କୁ ଧରିବାରେ ସଫଳ ହୋଇଥିବା ନେଇ ଗୁରୁବାର ଦିନ ଲକ୍ ଥାନା ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ପାରାଦୀପର ଭାରପ୍ରାପ୍ତ ଏଏସପି ରବିନ୍ଦ୍ର କୁମାର ପାତ୍ର ସୂଚନା ଦେଇଛନ୍ତି । ଗିରଫ ଅଭିଯୁକ୍ତମାନେ ହେଲେ ଲକ୍ ଥାନା ଅନ୍ତର୍ଗତ ରୁୟତ ସାହିର ପହଲି ସେଠାଙ୍କ ପୁଅ ଧନୁଆ ଓରଫ ଧନେଶ୍ୱର ସେଠୀ, ପଶ୍ଚିମ ବଙ୍ଗ ପଶ୍ଚିମ ମେଦିନାପୁର ଅନ୍ତର୍ଗତ ପୋତାସପୁର ଥାନା ଅଧିନସ୍ଥ ଅମରିସ୍ ଗ୍ରାମର ହେଜାବ ଖାନ୍ଙ୍କ ପୁଅ ନସିରୁଲ୍ଲା ଖାନ୍(୪୧) ଓ ସେହି ଅଂଚଳର କିସମତ୍ ଅନଗୁନା ଥାନା ଅନ୍ତର୍ଗତ ରାମଚନ୍ଦ୍ରପୁର ଗ୍ରାମର ସେକ୍ ଅଫସରଦ୍ଦିନ୍ଙ୍କ ପୁଅ ସେକ୍ ଅସାଦୁଦ୍ଦିନ୍ (୩୯) । ପଶ୍ଚିମ ବଙ୍ଗ ଅଂଚଳର ଏହି ଦୁଇ ଅଭିଯୁକ୍ତ ପାରାଦୀପ ଗଡ ଅଂଚଳରେ ଅସ୍ଥାୟୀ ଭାବେ ରହୁଥିଲେ । ଅଭିଯୁକ୍ତମାନଙ୍କଠାରୁ ଘଟଣାରେ ବ୍ୟବହାର ହେଉଥିବା ଦୁଇଟି ମୋଟର ସାଇକେଲ୍ ଜବତ କରିବା ସହିତ ସେମାନଙ୍କ ନିକଟରୁ ୧୨୦ଟି ମୋବାଇଲ୍ ଫୋନ୍, ୯୭୦ଟି ମୋବାଇଲ୍ ବ୍ୟାଟେରୀ,ଟାବଲେଟ୍ ସମେତ ଅନେକ ଗୁଡିଏ ଗୃହ ଉପକରଣ ଉଦ୍ଧାର କରାଯଇଥିବା ପୋଲିସ୍ ସୂତ୍ରରୁ ଜଣା ପଡିଛି । ନିମିଡି ଗ୍ରାମର ସିଦ୍ଧେଶ୍ୱର ମନ୍ଦିର ଚୋରୀ ଘଟଣାରେ ଏହି ଅଭିଯୁକ୍ତମାନେ ସାମିଲ ଥିବା ନେଇ ପୋଲିସ୍ ସୂଚନା ଦେଇଛି । ଯେକୌଣସି ବି ଅପରାଧ ଘଟିଲେ ତୁରନ୍ତ ପୋଲିସ୍କୁ ସୂଚନା ଦେବା ସହିତ ପୋଲିସ୍ର ସହାୟତା ଲୋଡିବାକୁ ନିବେଦନ କରାଯାଇଛି । ଏହାଦ୍ୱାରା ପୋଲିସ୍ ଖୁବ୍ ଶୀଘ୍ର ଅପରାଧିମାନଙ୍କୁ ଧରିବାରେ ସଫଳ ହେବ ।

୫ ଲକ୍ଷ ଟଙ୍କାର ଡ୍ରେନ୍ ନିର୍ମାଣରେ ଅନିୟମିତତା ଅଭିଯୋଗ ! ଅଙ୍ଗନୱାଡି ବେହାଲ, ପର ଘରେ ପାଠ ପଢୁଛନ୍ତି କୁନି ଶିଶୁ



ରାଇଘର, (ମହାଭାରତ) : କୁନି କୁନି ଶିଶୁଙ୍କ ଭବିଷ୍ୟତ ଗଢ଼ିବା ପାଇଁ ରହିଛି ଅଙ୍ଗନୱାଡି କେନ୍ଦ୍ର। ହେଲେ ଯେଉଁଠି ଶିଶୁଙ୍କ ହସ ଓ କୋଳାହଳରେ ପରିବେଶ ମୁଖରିତ ହେବା କଥା, ସେଠି ଆଜି ଦେଖିବାକୁ ମିଳୁଛି ଅବହେଳାର ଚିତ୍ର। ଜରାଜୀର୍ଣ୍ଣ ଅଙ୍ଗନୱାଡି କେନ୍ଦ୍ର ଯୋଗୁଁ ନିଜ ଘର ଛାଡ଼ି ଅନ୍ୟ ଜଣଙ୍କ ଘରେ ପ୍ରାକ୍ ଶିକ୍ଷା ଗ୍ରହଣ କରୁଛନ୍ତି କୁନି କୁନି ଶିଶୁ। ଏଭଳି ଦୁର୍ଦ୍ଦଶାର ଚିତ୍ର ସାମ୍ନାକୁ ଆସିଛି ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ମୁଣ୍ଡିବେଢ଼ା ପଞ୍ଚାୟତ ଅନ୍ତର୍ଗତ କୁଡୁମଦରା ଗ୍ରାମରୁ।ଗ୍ରାମର ଅଙ୍ଗନୱାଡି କେନ୍ଦ୍ରଟି ଦୀର୍ଘଦିନ ଧରି ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଫଳରେ ଅଙ୍ଗନୱାଡି ଦିଦି ବାଧ୍ୟ ହୋଇ ଅନ୍ୟ ଜଣଙ୍କ ଘରେ ଶିଶୁମାନଙ୍କୁ ପ୍ରାକ୍ ଶିକ୍ଷା ପ୍ରଦାନ କରୁଛନ୍ତି। ନିଜସ୍ୱ କେନ୍ଦ୍ର ଥାଇ ମଧ୍ୟ ପର ଘରେ ପାଠପଢ଼ା ଚାଲିବା ଘଟଣା ଗ୍ରାମବାସୀଙ୍କ ମନରେ ଗଭୀର ଅସନ୍ତୋଷ ସୃଷ୍ଟି କରିଛି।ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗ୍ରାମବାସୀଙ୍କ କହିବା ଅନୁଯାୟୀ, ଅଙ୍ଗନୱାଡି କେନ୍ଦ୍ର ନିକଟରେ ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟରେ ନୂତନ ଡ୍ରେନ୍ ନିର୍ମାଣ କରାଯାଇଛି। କିନ୍ତୁ ଏହି ଡ୍ରେନ୍ ନିର୍ମାଣ କାର୍ଯ୍ୟର ମାନକୁ ନେଇ ଏବେ ପ୍ରଶ୍ନ ଉଠିଛି। ଡ୍ରେନ୍‌ଟି ଅଙ୍କାବଙ୍କା ଭାବେ ନିର୍ମାଣ ହୋଇଥିବା ସହ ଠିକ୍ ଭାବେ ଫିନିସିଂ କରାଯାଇନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।ଗ୍ରାମବାସୀଙ୍କ ମତରେ, ଯଦି ଏହି ଅର୍ଥର ସଦୁପଯୋଗ କରି ଅଙ୍ଗନୱାଡି କେନ୍ଦ୍ରର ପୁନଃନିର୍ମାଣ କରାଯାଇଥାନ୍ତା, ତେବେ ଆଜି କୁନି କୁନି ଶିଶୁଙ୍କୁ ଅନ୍ୟ ଘରେ ବସି ପାଠ ପଢ଼ିବାକୁ ପଡ଼ିନଥାନ୍ତା। ଗୋଟିଏ ପଟେ ଅଙ୍ଗନୱାଡି କେନ୍ଦ୍ର ଅବ୍ୟବହୃତ ଓ ଜରାଜୀର୍ଣ୍ଣ ଅବସ୍ଥାରେ, ଅନ୍ୟପଟେ ୫ ଲକ୍ଷ ଟଙ୍କାର ଡ୍ରେନ୍ ନିର୍ମାଣର ଗୁଣବତ୍ତାକୁ ନେଇ ଅଭିଯୋଗ ଏହା ପ୍ରଶାସନିକ ତଦାରଖକୁ ନେଇ ଅନେକ ପ୍ରଶ୍ନ ଉଠାଇଛି।ଗ୍ରାମବାସୀଙ୍କ ଅଭିଯୋଗ, ବାରମ୍ବାର ଜଣାଇବା ସତ୍ତ୍ୱେ ସମସ୍ୟା ପ୍ରତି କେହି କର୍ଣ୍ଣପାତ କରୁନାହାନ୍ତି। ତେବେ ପ୍ରଶ୍ନ ଉଠୁଛି, ୫ ଲକ୍ଷ ଟଙ୍କାର ଡ୍ରେନ୍ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଯାଞ୍ଚ ହୋଇଛି କି ? କାର୍ଯ୍ୟର ତଦାରଖ କିଏ କରିଥିଲେ ? ନିମ୍ନମାନର କାର୍ଯ୍ୟ ଅଭିଯୋଗର ତଦନ୍ତ କେବେ ହେବ ? ଏଥିସହ ଜରାଜୀର୍ଣ୍ଣ ଅଙ୍ଗନୱାଡି କେନ୍ଦ୍ରର ପୁନଃନିର୍ମାଣ କେବେ ହେବ ? ଗ୍ରାମବାସୀଙ୍କ ଦାବି, ସମଗ୍ର ଘଟଣାର ନିରପେକ୍ଷ ତଦନ୍ତ କରାଯାଇ ଡ୍ରେନ୍ ନିର୍ମାଣର ମାନ ଯାଞ୍ଚ କରାଯିବା ସହ ଅଙ୍ଗନୱାଡି କେନ୍ଦ୍ରର ତୁରନ୍ତ ପୁନଃନିର୍ମାଣ କରାଯାଉ।ଯେଉଁ ଟଙ୍କାରେ ଶିଶୁଙ୍କ ଭବିଷ୍ୟତ ସୁରକ୍ଷିତ ହୋଇପାରିଥାନ୍ତା, ସେହି ଅଞ୍ଚଳରେ ଆଜି ଡ୍ରେନ୍‌ର ମାନକୁ ନେଇ ପ୍ରଶ୍ନ ଏବଂ ଅଙ୍ଗନୱାଡିର ଦୁର୍ଦ୍ଦଶା। ଏବେ ଦେଖିବାକୁ ବାକି, ପ୍ରଶାସନ କେବେ ନିଦରୁ ଉଠି ଶିଶୁଙ୍କ ଭବିଷ୍ୟତ ପ୍ରତି ଦାୟିତ୍ୱ ନିର୍ବାହ କରୁଛି।

ବାତ୍ୟା ଅକ୍ୱାନ୍ ପ୍ରଭାବ- ପାରାଦୀପ ବନ୍ଦରରେ ଆଶ୍ରୟ ନେଲେ ୫୬ ମାଛଧରା ବୋଟ୍ ସମେତ ୪୯୮ ମତ୍ସ୍ୟଜୀବୀ



ପାରାଦୀପ, (ମହାଭାରତ) : ସାମୁଦ୍ରିକ ଝଡ, ବାତ୍ୟା ଆଦି ସମୟରେ ଗଭୀର ସମୁଦ୍ରରେ ଫସି ରହିଥିବା ମାଛଧରା ବୋଟ୍‌ମାନଙ୍କୁ ପାରାଦୀପ ବନ୍ଦର ପୋତାଶ୍ରୟରେ ଆଶ୍ରୟ ଦେଇ ମାନବିକତାର ପରିଚୟ ସୃଷ୍ଟି କରି ସାରିଛି ପାରାଦୀପ ବନ୍ଦର । ସାମୁଦ୍ରିକ ବାତ୍ୟା ଅକ୍ୱାନ ପ୍ରଭାବରେ ସମୁଦ୍ର ଅଶାନ୍ତ ହୋଇପଡିଛି । ଗଭୀର ସମୁଦ୍ରକୁ ମାଛମାରିବାକୁ ଯାଇଥିବା ୫୬ଟି ମାଛଧରା ବୋଟ୍ ଅଶାନ୍ତ ସମୁଦ୍ର ଓ ସାମୁଦ୍ରିକ ବାତ୍ୟାକୁ ସାମ୍ନା ନକରି ପାରି ପାରାଦୀପ ବନ୍ଦର ପୋତାଶ୍ରୟରେ ଆଶ୍ରୟ ନେବାକୁ ଅନୁରୋଧ କରିଥିଲେ । ସେମାନଙ୍କ ଅନୁରୋଧକୁ ରକ୍ଷା କରି ପାରାଦୀପ ବନ୍ଦର କର୍ତୃପକ୍ଷ ପାରାଦୀପ ବନ୍ଦରର ଇକ୍ୟୁ-୧ ଓ ଇକ୍ୟୁ-୨ ବେର୍ଥର ସେମାନଙ୍କ ବୋଟ୍‌ଗୁଡିକୁ ରଖିବାକୁ ଅନୁମତି ଦେବା ପରେ ଏହି ମାଛଧରା ବୋଟ୍ ସମେତ ବୋଟ୍ ଗୁଡିକରେ ଥିବା ପ୍ରାୟ ୪୯୮ଜଣ ମତ୍ସ୍ୟଜୀବୀ ସୁରୁଖୁରୁରେ ଏଠାରେ ଆଶ୍ରୟ ନେଇଛନ୍ତି । ଏହି ବାତ୍ୟା ସମୟରେ ବନ୍ଦର ଅଧ୍ୟକ୍ଷ ସୁଶାନ୍ତ କୁମାର ପୁରୋହିତ୍‌ଙ୍କ ସମେତ ପୁରା ବନ୍ଦର ପ୍ରଶାସନ ବାତ୍ୟା ଅକ୍ୱାନର ଗତିବିଧି ଉପରେ ପୁରା ନଜର ରଖିଛନ୍ତି । ସମ୍ଭାବ୍ୟ ବାତ୍ୟାର ସଠିକ୍ ମୁକାବିଲା ପାଇଁ ପାରାଦୀପ ବନ୍ଦର ପ୍ରଶାସନ ପୁରା ପ୍ରସ୍ତୁତ ରହି ଥିବା ନେଇ ସୂଚନା ମିଳିଛି । ଆପତକାଳୀନ ବିପର୍ଯ୍ୟୟ ସମୟରେ ମତ୍ସ୍ୟଜୀବୀ ସମ୍ପ୍ରଦାୟକୁ ସହାୟତା କରିବା ସହିତ ସେମାନଙ୍କ ଧନଜୀବନକୁ ରକ୍ଷା କରିବା ଦିଗରେ ପାରାଦୀପ ବନ୍ଦର ସବୁବେଳେ ପ୍ରସ୍ତୁତ ।

ଶରଣକୁଳ ୬୫ ତମ ସର୍ବଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ୍ : ଗଣ୍ଡରପୁରକୁ ୩-୨ରେ ହରାଇ ସୁନ୍ଦରଗଡ଼ ଫାଇନାଲରେ

ଓଡ଼ଗାଁ, (ମହାଭାରତ): ଶରଣକୁଳ ହାଇସ୍କୁଲ ଖେଳପଡ଼ିଆରେ ଚାଲିଥିବା ୬୫ତମ ସର୍ବ ଭାରତୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଗୁରୁବାର ପ୍ରଥମ ସେମିଫାଇନାଲରେ ଗଣ୍ଡରପୁରକୁ ୩-୨ ଗୋଲରେ ହରାଇ ସୁନ୍ଦରଗଡ଼ ଫାଇନାଲରେ ପ୍ରବେଶ କରିଛି। ପ୍ରତିକୂଳ ପାଗସତ୍ତ୍ୱେ ଆଜିର ପ୍ରଥମାର୍ଦ୍ଧ ଖେଳରେ ଉଭୟ ଦଳ ପଡ଼ିଆକୁ ଓହ୍ଲାଇ ଆକ୍ରମଣାତ୍ମକ ଖେଳପ୍ରଦର୍ଶନ କରିଥିଲେ ।ଗଣ୍ଡରପୁର ପ୍ରଥମ ଗୋଲ ଦେଇ ଅଗ୍ରଣୀ ଥିବାବେଳେ ସୁନ୍ଦରଗଡ଼ ୨ଟି ଗୋଲଦେଇ ଦଳକୁ ୨-୧ ରେ ଆଗୁଆ ରହିଥିଲା ।ଖେଳର ଦ୍ୱିତୀୟାର୍ଦ୍ଧ ସଂଘର୍ଷପୂର୍ଣ୍ଣ ଖେଳରେ ସୁନ୍ଦରଗଡ଼ ଆଉ ଏକ ଗୋଲଦେଇ ଦଳ ୩-୧ ରେ ଆଗୁଆ ରହିଥିବାବେଳେ ଗଣ୍ଡରପୁର ଏକମାତ୍ର ଗୋଲ ଦେଇ ଦଳ ୩-୨ରେ ପରାଜିତ ହୋଇଥିଲା। ସୁନ୍ଦରଗଡ଼ ଦଳ ୩-୨ ଗୋଲରେ ବିଜୟୀ ହୋଇ ପ୍ରଥମଦଳ ଭାବେ ଫାଇନାଲରେ ପ୍ରବେଶ କରିଛି। ଆଜିର ଖେଳରେ ଅନୁଷ୍ଠାନର ସଭାପତି ସତ୍ୟନାରାୟଣ ପ୍ରଧାନ, ଜିଲ୍ଲାପରିଷଦ ଅଧ୍ୟକ୍ଷ ଇଂ.ଦେବାଶିଷ ପଟ୍ଟନାୟକ,ଭାରତୀୟ ଷ୍ଟେଟବ୍ୟାଙ୍କ ଶରଣକୁଳ ଶାଖା ପରିଚାଳକ ଭବାନୀ ପ୍ରସାଦ ସାହୁ,ଚାର୍ଟାର୍ଡ ? ଆକାଉଣ୍ଟାଣ୍ଟ ଶଶୀଶେଖର ଦାଶ, ଯୁବ ଉଦ୍ୟୋଗପତି ତାପସ ରଞ୍ଜନ ପାତ୍ତୀ, ଜିଲ୍ଲାପରିଷଦ ସଭ୍ୟ ସରୋଜ ରଣସିଂହ ଓ ଜିଲ୍ଲାପରିଷଦ ସଭ୍ୟା ଚିନ୍ମୟୀ ଦାସ ଯୋଗ ଦେଇଥିଲେ। ଖେଳକୁ ଏମ.ସକଲିନ ପରିଚାଳନା କରିଥିବାବେଳେ ଲାଇନରେ ଜ୍ୟୋତିରଞ୍ଜନ ସ୍ୱାଇଁ,ପ୍ରସନ୍ନ ନାୟକ, ୪ର୍ଥ ରେଫେରୀ ଭାବେ ଜଗନ୍ନାଥ ପରିଡା ପରିଚାଳନା କରିଥିଲେ।ଶୁକ୍ରବାର ୨ୟ ସେମିଫାଇନାଲ ଖେଳ ସମ୍ଭାବ୍ୟବାତ୍ୟା ଯୋଗୁଁ ସମୟରେ ସାମାନ୍ୟ ପରିବର୍ତ୍ତନ ହୋଇ ଦ୍ୱିପହର ୨ଘଣ୍ଟା ସମୟରେ ୟୁନାଇଟେଡ ସ୍ପୋର୍ଟ୍ସ କ୍ଲବ ବରଗଡ଼ ବନାମ ଫୁଲବାଣୀ ଏଫ.ଏ. ମଧ୍ୟରେ ଅନୁଷ୍ଠିତ ହେବ।



ତେଲେନପାଲି ଓ ପଡ଼ିଆବାହାଲ ପଞ୍ଚାୟତର ବିଜୁ ପରିବାର ସହ ଆଲୋଚନା କଲେ ସରୋଜ ମେହେର

ପାଟଣାଗଡ (ମହାଭାରତ) : ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ବଲାଙ୍ଗୀର ଜିଲ୍ଲା ବିଜୁ ଜନତା ଦଳର ସଭାପତି ଶ୍ରୀଯୁକ୍ତ ସରୋଜ କୁମାର ମେହେର ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ ତେଲେନପାଲି ଓ ପଡ଼ିଆବାହାଲ ଗ୍ରାମପଞ୍ଚାୟତ ଗସ୍ତ କରି ସେଠାକାର ବିଜୁ ପରିବାରର ସଦସ୍ୟମାନଙ୍କ ସହ ଆଗାମୀ ଦିନର ଦଳୀୟ କାର୍ଯ୍ୟକ୍ରମ ଓ ସାଂଗଠନିକ ବିଷୟକୁ ନେଇ ଆଲୋଚନା କରିଥିଲେ । ଏହି ଗସ୍ତ ସମୟରେ ଉଭୟ ପଞ୍ଚାୟତର ବିଜୁ ଜନତା ଦଳର କର୍ମୀ, ସମର୍ଥକ ଓ ବିଜୁ ପରିବାରର ସଦସ୍ୟମାନଙ୍କ ସହ ସେ ସିଧାସଳଖ ମତବିନିମୟ କରିଥିଲେ । ଦଳର ଆଗାମୀ ଦିନର କାର୍ଯ୍ୟକ୍ରମ କିପରି ରହିବ, ପଞ୍ଚାୟତ ସ୍ତରରେ ସଂଗଠନକୁ କିପରି ସୁଦୃଢ଼ କରାଯିବ ଏବଂ ତୃଣମୂଳ ସ୍ତରରେ କର୍ମୀମାନଙ୍କ ଭୂମିକା କିପରି ରହିବ, ସେନେଇ ଆଲୋଚନା ହୋଇଥିଲା । ଏଥି ସହ ଦଳର ପୁରୁଣା ଓ ନୂତନ କର୍ମୀମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ସଂଗଠନକୁ ଆଗକୁ ନେବା, ପଞ୍ଚାୟତ ସ୍ତରରେ ଦଳୀୟ କାର୍ଯ୍ୟକଳାପକୁ ଅଧିକ ସକ୍ରିୟ କରିବା ଏବଂ ଆଗାମୀ ଦିନରେ ହେବାକୁ ଥିବା ବିଭିନ୍ନ ସାଂଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ମଧ୍ୟ ମତାମତ ଆଦାନପ୍ରଦାନ କରାଯାଇଥିଲା ।ଏହି ଅବସରରେ ଶ୍ରୀ ମେହେର ବିଜୁ ପରିବାରର ସଦସ୍ୟମାନଙ୍କ ସହ ଆଲୋଚନା କରି ସେମାନଙ୍କ ମତାମତ ଓ ପରାମର୍ଶ ଶୁଣିଥିଲେ । ତୃଣମୂଳ ସ୍ତରରେ ଦଳୀୟ ସଂଗଠନର ସ୍ଥିତି ଓ କର୍ମୀମାନଙ୍କ ସହ ନିୟମିତ ଯୋଗାଯୋଗ ରଖିବା ଉପରେ ମଧ୍ୟ ଗୁରୁତ୍ୱ ଦିଆ ଯାଇଥିଲା । ଖପ୍ରାଖୋଲ ବ୍ଲକର ତେଲେନପାଲି ଓ ପଡ଼ିଆବାହାଲ ପଞ୍ଚାୟତରେ ଏହି ଆଲୋଚନା ମାଧ୍ୟମରେ ଆଗାମୀ ଦିନରେ ଦଳର କାର୍ଯ୍ୟକ୍ରମକୁ କିପରି ଆଗକୁ ବଢ଼ାଯିବ, ସେନେଇ ଏକ ମତବିନିମୟର ପରିବେଶ ସୃଷ୍ଟି ହୋଇଥିଲା । ଏହି ଗସ୍ତକୁ ନେଇ ସ୍ଥାନୀୟ ବିଜୁ ପରିବାରର ସଦସ୍ୟମାନଙ୍କ ମଧ୍ୟରେ ଆଲୋଚନା ହୋଇଥିଲା ।

ବାତ୍ୟା 'ଅକ୍ୱନ' ମୁକାବିଲା ପାଇଁ ଅଣ୍ଟା ଭିଡ଼ିଲା ଆରଏସଏସ

ମୋହନା, (ମହାଭାରତ): ଗଜପତି ଜିଲ୍ଲାରେ ବାତ୍ୟା 'ଅକ୍ୱନ'ର ମୁକାବିଲା ପାଇଁ ଅଣ୍ଟା ଭିଡ଼ିଛି ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ)। ପୂର୍ବରୁ ଜିଲ୍ଲାରେ ବିଭିନ୍ନ ବାତ୍ୟା ସମୟରେ ସେବା ଓ ଉଦ୍ଧାର କାର୍ଯ୍ୟ କରିଆସିଥିବା ସଂଘ, ଏଥର ମଧ୍ୟ ପ୍ରଶାସନକୁ ସହଯୋଗ କରିବା ସହ ବିପଦଗ୍ରସ୍ତ ଅଞ୍ଚଳରେ ତୁରନ୍ତ ସହାୟତା ପହଞ୍ଚାଇବା ପାଇଁ ପ୍ରସ୍ତୁତ ରହିଛି। ବାତ୍ୟା ପ୍ରଭାବରେ ଗଛ ପଡ଼ିବା, ଭୂସ୍ଖଳନ ଓ ବନ୍ୟା ଭଳି ପରିସ୍ଥିତିରେ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ ମୋହନା ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଓ ମାଣିକପୁର ହନୁମାନ ମନ୍ଦିର କମିଟିର ସଦସ୍ୟମାନେ ବିଭିନ୍ନ ଉପକରଣ ସହ ପ୍ରସ୍ତୁତ ରହିଛନ୍ତି। ଗଛ କାଟିବା ମେସିନ୍, କୁଢ଼ି, ଶାବଳ, ରଶି, ଜେନେରେଟର, ମୋଟରସାଇକେଲ, କାର୍, ପିକଅପ୍ ଓ ଟ୍ରାକ୍ଟର ଆଦି ସହାୟତା ସାମଗ୍ରୀ ସଜାଇ ରଖାଯାଇଛି। ଜିଲ୍ଲାର ନାରାୟଣପୁର, ରାମଗିରି, ଆର. ଉଦୟଗିରି ଓ ମୋହନା ଭଳି ବିଭିନ୍ନ ଅଞ୍ଚଳରେ ପ୍ରାୟ ୨୦୦ ସ୍ୱୟଂସେବକ ସଜାଗ ରହିଛନ୍ତି। ଯେକୌଣସି ବିପର୍ଯ୍ୟୟ ସମୟରେ ଫୋନ୍ କଲ୍ ମାତ୍ରେ ଘଟଣାସ୍ଥଳରେ ପହଞ୍ଚି ସେବାକାର୍ଯ୍ୟରେ ନିୟୋଜିତ ହେବା ପାଇଁ ସଂଘ କର୍ମକର୍ତ୍ତାମାନେ ପ୍ରସ୍ତୁତ ଥିବା କହିଛନ୍ତି। ବାତ୍ୟା ସମୟରେ ଜନସାଧାରଣଙ୍କ ସୁରକ୍ଷା ଓ ଜରୁରୀକାଳୀନ ସହାୟତାକୁ ଗୁରୁତ୍ୱ ଦେଇ ସଂଘ ପକ୍ଷରୁ ଏହି ପ୍ରସ୍ତୁତି କରାଯାଇଛି।

ରାଜ୍ୟସ୍ତରୀୟ ବିଦ୍ୟାଳୟ ସମୂହ ହକି ଓ ଚେସ ପ୍ରତିଯୋଗିତା ଉଦ୍‌ଘାଟିତ



ରାଜଗାଙ୍ଗପୁର, (ମହାଭାରତ): ରାଜଗାଙ୍ଗପୁର କେଶ୍ରାମାଲ ହାଇସ୍କୁଲ ବିଦ୍ୟାଳୟ ପରିସରରେ ବୁଧବାର ୭୦ତମ ରାଜ୍ୟସ୍ତରୀୟ ବିଦ୍ୟାଳୟ ଳୟ ସମୂହର ୧୭ ବର୍ଷରୁ ବର୍ଷରୁ କମ ବାଳିକା ଓ ବାଳକ ବିଭାଗର ହକି ଓ ଚେସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ ରାଜ୍ୟର ୩୦ଟି ଜିଲାରୁ ୧୯୦୦ ଊର୍ଦ୍ଧ୍ୱ ଖେଳାଳି, କ୍ରୀଡା ଶିକ୍ଷୟିତ୍ରୀଶିକ୍ଷକ ଯୋ ଯୋଗଦେଇଥିଲେ । ଶନିବାର ଖେଳ ଉଦ୍ ?ଯାପିତ ହେବ । ଏହି କ୍ରୀଡ଼ା ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଖେଳାଳିମାନେ ଯୋଗଦେଇ ନିଜର କ୍ରୀଡ଼ା । ନୈପୁଣ୍ୟ ପ୍ରଦର୍ଶନ କରିବାର ସୁଯୋଗ ପାଇଛନ୍ତି । ଉଦ୍‌ଘାଟନୀ ମାରୋହରେ ମୁଖ୍ୟ କୁନ୍ତୀ ପ୍ରଧାନ ଅତିଥିଭାବେ ଯୋଗଦେଇଥିଲେ। ସମ୍ମାନ ଅତିଥି ଭାବେ ଯୋଗଦେଇଥିଲେ ଅନିଲ ମିଶ୍ର।, ଅନିଲ ସିଂ, ବରିଷ୍ଠ ସମାଜସେବୀ କଳିଙ୍ଗ ସେନାର ମୁଖ୍ୟ ବିନିତା ଗାରୋଡ଼ିଆ, ଅଜୟ କୁମାର ପ୍ରଧାନ, ମୁରଲୀଧର ବେହେରା, ଜୋତି ପ୍ରସାଦ ପରିଡା, କୃଷ୍ଣ ଚନ୍ଦ୍ର ନାୟକ । ଏହି ଅବସରରେ ଏଡିପିଇ ଓଡ଼ିଶାର ଜ୍ୟୋତିପ୍ରସାଦ ପରିଡ଼ା ପ୍ରତିଯୋଗିତା ସମ୍ପର୍କିତ ବିବରଣୀ ପାଠ କରିଥିଲେ। ସଭା କାର୍ଯ୍ୟକୁ ବରିଷ୍ଠ ଖେଳ ଶିକ୍ଷକ ଆଶିଷ ପ୍ରଧାନ ପରିଚାଳନା କରିଥିଲେ । ଶେଷରେ ବିଦ୍ୟାଳୟର ପ୍ରଧାନଶିକ୍ଷତ୍ରି ନେଲିତ୍ ପ୍ରଭା କୁଲୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି ରାଜ୍ୟସ୍ତରୀୟ କ୍ରୀଡ଼ା ଆୟୋଜନ ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ କ୍ରୀଡ଼ା ମନୋଭାବ, ଶୃଙ୍ଖଳା, ଦଳଗତ ସହଯୋଗ ଓ ପ୍ରତିଯୋଗିତାମୂଳକ ମନୋଭାବର ବିକାଶ ହେବା ସହ ହକି ଓ ଚେସ ଭଳି ପାରମ୍ପରିକ କ୍ରୀଡ଼ାର ପ୍ରଚାର ପ୍ରସାର ହେବ ବୋଲି ଆଶା ପ୍ରକାଶ ପାଇଛନ୍ତି ।

କାଠମାଫିଆଙ୍କୁ ଚୁପ୍ କରିବାରେ ବନ ବିଭାଗ ବିଫଳ : ଧ୍ୱଂସପାଇବ ଶୁଳିଆ ଜଙ୍ଗଲ

ଓଡ଼ଗାଁ,(ମହାଭାରତ): ଗତ କିଛିଦିନତଳେ ଓଡ଼ଗାଁ ବନ କର୍ମଚାରୀ ଓ ଫାଶିପଲ୍ଲୀ ଗ୍ରାମବାସୀ କାଠ କାଟିବାକୁ କେନ୍ଦ୍ରକରି ମୁହାଁମୁହିଁ ହୋଇଛନ୍ତି । ଉଭୟ



ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା



ଗୋଲାମୁଣ୍ଡା ତହସିଲଦାର ଭିଜିଲାନ୍ସ ଜାଲରେ

ବଲାଙ୍ଗିର, (ମହାଭାରତ): କଳାହାଣ୍ଡି ଜିଲ୍ଲାରେ ଦୁର୍ନୀତି ବିରୋଧୀ ଅଭିଯାନକୁ ଆଉ ଏକ ବଡ଼ ସଫଳତା ମିଳିଛି। ଗୋଲାମୁଣ୍ଡା ତହସିଲଦାର ଚନ୍ଦନ କୁମାର ନାୟକ ଜଣେ ବ୍ୟକ୍ତିଙ୍କଠାରୁ ଜମିର କିସମ ପରିବର୍ତ୍ତନ କରାଇଦେବା ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଓଡ଼ିଶା ଭିଜିଲାନ୍ସ ବିଭାଗ ହାତରେ ଧରାପଡ଼ିଥିବା ସୂଚନା ମିଳିଛି। ସୂଚନା ଅନୁଯାୟୀ, ଜଣେ ଅଭିଯୋଗକାରୀଙ୍କ ଜମିର କିସମ ପରିବର୍ତ୍ତନ ସମ୍ବନ୍ଧୀୟ କାମ କରାଇବା ପାଇଁ ତହସିଲଦାର ଲାଞ୍ଚ ଦାବି କରିଥିଲେ। ଏନେଇ ଭିଜିଲାନ୍ସ ବିଭାଗରେ ଅଭିଯୋଗ ହେବା ପରେ ଯୋଜନାବଦ୍ଧ ଭାବେ ଏକ ଟ୍ରାପ୍ ଅପରେସନ୍ କରାଯାଇଥିଲା। ଅଭିଯୋଗକାରୀଙ୍କଠାରୁ ୧୦ ହଜାର ଟଙ୍କା ଗ୍ରହଣ କରୁଥିବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ତହସିଲଦାରଙ୍କୁ କାବୁ କରିଥିଲେ। ଘଟଣା ପରେ ଭିଜିଲାନ୍ସ ଟିମ୍ ଗୋଲାମୁଣ୍ଡା ତହସିଲ କାର୍ଯ୍ୟାଳୟ ସହିତ ତହସିଲଦାରଙ୍କ ସରକାରୀ ବାସଭବନରେ ଏକକାଳୀନ ଚଢ଼ାଉ ଜାରି ରଖିଛି। ଚଢ଼ାଉ ସମୟରେ ତାଙ୍କର ଆୟବହିର୍ଭୂତ ସମ୍ପତ୍ତି, ଆର୍ଥିକ କାରବାର ଏବଂ ବିଭିନ୍ନ ଦଲିଲପତ୍ରର ଯାଞ୍ଚ କରାଯାଉଥିବା ସୂଚନା ମିଳିଛି।ତେବେ ଏହି ମାମଲାରେ ଭିଜିଲାନ୍ସ ବିଭାଗ ପକ୍ଷରୁ ବିସ୍ତୃତ ଆଧିକାରିକ ବିବୃତି ଏପର୍ଯ୍ୟନ୍ତ ପ୍ରକାଶ ପାଇନାହିଁ। ତଦନ୍ତ ଜାରି ରହିଥିବା ବେଳେ ଚଢ଼ାଉରେ କେଉଁ ସବୁ ତଥ୍ୟ ସାମ୍ନାକୁ ଆସୁଛି ଏବଂ ଆୟବହିର୍ଭୂତ ସମ୍ପତ୍ତି ସମ୍ପର୍କରେ କଣ ତଥ୍ୟ ମିଳୁଛି, ସେନେଇ ଭିଜିଲାନ୍ସର ପରବର୍ତ୍ତୀ ରିପୋର୍ଟକୁ ଅପେକ୍ଷା କରାଯାଇଛି।

ବେଆଇନ ବନ୍ଧୁକ ଓ ଗୁଳି ସହ ୩ ଶିକାରୀ ଗିରଫ



ରେଢ଼ାଖୋଲ (ମହାଭାରତ)ସମ୍ବଲପୁର ଜିଲ୍ଲାର ଖଲାସୁଣୀ ବନ୍ୟପ୍ରାଣୀ ଅଭୟାରଣ୍ୟକୁ ଲାଗି ରହିଥିବା କେନ୍ଦୁମୁଣ୍ଡା ସଂରକ୍ଷିତ ଜଙ୍ଗଲ (ପିଅରଏଫ୍) ମଧ୍ୟରେ ବନ୍ୟଜନ୍ତୁ ଶିକାର ଉଦ୍ୟମ ବେଳେ ୩ ଜଣ ଅଭିଯୁକ୍ତଙ୍କୁ ବନ ବିଭାଗ ଗିରଫ କରିଛି। ସୂଚନା ଅନୁଯାୟୀ, ୧୯ ତାରିଖ ଭୋର ପ୍ରାୟ ୫ଟା ୧୫ ମିନିଟ୍ ସମୟରେ କେନ୍ଦୁମୁଣ୍ଡା ସଂରକ୍ଷିତ ଜଙ୍ଗଲ ମଧ୍ୟରେ ବେଆଇନ ଭାବେ ଦେଶୀ ବନ୍ଧୁକ, ଗୁଳି ଓ ବନ୍ୟଜନ୍ତୁଙ୍କ ଶିକାର ସମ୍ବନ୍ଧୀୟ ସାମଗ୍ରୀ ରଖି ଶିକାର ଉଦ୍ୟମ କରୁଥିବା ଅଭିଯୋଗରେ ୩ ଜଣଙ୍କୁ ଧରାଯାଇଛି। ଗିରଫ ଅଭିଯୁକ୍ତମାନେ ହେଲେ ଦେବଗଡ଼ ଜିଲ୍ଲା ରିଆମାଳ ଥାନା ଅନ୍ତର୍ଗତ ବଡ଼ସିମିଳା ଗ୍ରାମର ମଦନ ପାତ୍ର , ସମ୍ବଲପୁର ଜିଲ୍ଲା କିସିଣ୍ଡା ଥାନା ଅନ୍ତର୍ଗତ ଜେମାଙ୍ଗୁରୀ ଗ୍ରାମର ବୁଧାଦେବ ଟପ୍ପୋ ଏବଂ ସେହି ଗ୍ରାମର ରାକୁ ଲୁହା । ଏହି ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇ ଆଇନ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ବନ ଅଧିକାରୀ ସୂଚନା ଦେଇଛନ୍ତି।

ରାଷ୍ଟ୍ରାୟତ ଉଦ୍ୟୋଗ କେନ୍ଦ୍ରୀୟ ଅଧିକାରୀ ଙ୍କ ଚତୁର୍ଥ ବେତନ କମିଶନ ଗଠନ ଦାବି

ଅନୁଗୋଳ, (ମହାଭାରତ):ଦେଶ ର ସମସ୍ତ କେନ୍ଦ୍ରୀୟ ରାଷ୍ଟ୍ରାୟତ ଉଦ୍ୟୋଗ ର ଅଫିସର ମାନଙ୍କ ନିମନ୍ତେ ଚତୁର୍ଥ ବେତନ ନିର୍ଦ୍ଧାରଣ କମିଟି ଗଠନ ପାଇଁ ଏକ ଜରୁରୀ ବୈଠକ ନାଲକୋ ଅଫିସର ସଂଘ କାର୍ଯ୍ୟାଳୟ ରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସଂଘ ର ସମସ୍ତ ନାଲକୋ ଅଫିସର ସଂଘ ର ନିର୍ବାଚିତ କର୍ମକର୍ତ୍ତା, ତଥା ଆଭାସୀ ମାଧ୍ୟମ ରେ ନାଲକୋ କେନ୍ଦ୍ରୀୟ କାର୍ଯ୍ୟାଳୟ, ଖଣି ଓ ବିଶୋଧନାଗାର ଅଫିସର ସଂଘ ପ୍ରତିନିଧି ଯୋଗଦାନ କରି କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଚତୁର୍ଥ ବେତନ ନିର୍ଦ୍ଧାରଣ ପାଇଁ ତତ୍କାଳ କମିଟି ଗଠନ କରିବାର ଆବଶ୍ୟକତା କୁ ଆଲୋଚନା ର ବିଷୟବସ୍ତୁ ରଖାଯାଇଥିଲା । ଏଠାରେ ସୂଚନା ଯୋଗ୍ୟ ଯେ କେନ୍ଦ୍ରୀୟ ରାଷ୍ଟ୍ରାୟତ ଉଦ୍ୟୋଗ ର ଅଫିସର ମାନଙ୍କ ତୃତୀୟ ବେତନ କମିଟି ର ଦରମା ନିର୍ଧାରଣ ର ଅବଧି ଆସନ୍ତା ଡ଼ିସେମ୍ବର ୨୦୨୬ ରେ ସମାହିତ ହେବାକୁ ଯାଉଛି । ଅନ୍ୟ ପକ୍ଷେ କେନ୍ଦ୍ରୀୟ କର୍ମଚାରୀ ଙ୍କ ବର୍ଦ୍ଧିତ ଦରମା ନିର୍ଧାରଣ ପାଇଁ ଅଷ୍ଟମ ବେତମ କମିଶନ ଗଠନ ହୋଇ ଏକ ବର୍ଷ ପୂର୍ବ ରୁ ପ୍ରକ୍ରିୟା ଆରମ୍ଭ ହୋଇସାରିଛି । ଦେଶର ଅର୍ଥନୀତି କୁ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ର ବଳିଷ୍ଠ ଯୋଗଦାନ ତଥା ବିଭିନ୍ନ ଅସ୍ଥିର ଅର୍ଥନୈତିକ ପରିସ୍ଥିତି ସତ୍ତ୍ୱେ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ର କର୍ମଚାରୀ ମାନଙ୍କର ଉଲ୍ଲେଖନୀୟ ଅବଦାନ, ତ୍ୟାଗ, କର୍ମକୁଶଳତା ଓ ସାମାଜିକ ଜୀବନ ସନ୍ତୁଳନ ସତ୍ତ୍ୱେ ଦେଶ ଅଭିବୃଦ୍ଧି ସମ୍ଭବ ହୋଇ ପାରିଛି । ଏହି ପରିପ୍ରେକ୍ଷୀରେ ସର୍ବସମ୍ମତ କ୍ରମେ ଏକ ପ୍ରସ୍ତାବ ଗୃହୀତ ହୋଇ ଭାରତ ର ମାନ୍ୟବର ପ୍ରଧାନମନ୍ତ୍ରୀ ଓ ମାନ୍ୟବର ଅର୍ଥମନ୍ତ୍ରୀ ଙ୍କ ଉଦ୍ୟେଶ ରେ ତତ୍କାଳ ରାଷ୍ଟ୍ରାୟତ ଉଦ୍ୟୋଗ ନିମନ୍ତେ ଚତୁର୍ଥ ବେତନ ନିର୍ଧାରଣ କମିଟି ଗଠନ କରିବା ପାଇଁ ଏକ ପ୍ରସ୍ତାବ ଗୃହୀତ ଓ ଦାବୀପତ୍ର ପଠାଯାଇଥିଲା । ଉକ୍ତ ପ୍ରସ୍ତାବ ରେ ସଂଘର ସଭାପତି ଶ୍ରୀ ଦେବାଶିଷ ମିଶ୍ର ଓ ସଂଘର ସାଧାରଣ ସଂପାଦକ ଶ୍ରୀ ନଳିନୀ କାନ୍ତ ପଣ୍ଡା ସଂଘର କାର୍ଯ୍ୟ ପ୍ରଣାଳୀ ସହିତ କର୍ମଚାରୀ ଙ୍କ ଭାଗୀଦାରୀ, ଦାୟିତ୍ୱବୋଧ ଓ ଜୀବନର ମାନ ଉନ୍ନତୀୟ ଆଗାମୀ କାର୍ଯ୍ୟପନ୍ଥା ଆଦି ପ୍ରକାଶ କରିଥିଲେ । ସଂଘର ଉପସଭାପତି ଶ୍ରୀ କିଶୋର କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପ ସଭାପତି ଶ୍ରୀ ଶରତ ଚନ୍ଦ୍ର ହେମ୍ବ୍ରମ, ଯୁଗ୍ମ ସମ୍ପାଦକ ଶ୍ରୀ ପ୍ରତାପ ଚନ୍ଦ୍ର ମଲ୍ଲିକ, ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ଯୁଗ୍ମ ସମ୍ପାଦକ ଶ୍ରୀ ଦେବୀ ମହାପାତ୍ର ଧନ୍ୟବାଦ ଅର୍ପଣ କରି ବୈଠକ ସମାପ୍ତ କରିଥିଲେ।

ବାତ୍ୟା ପାଇଁ ବୈରାଟପୁର ପ୍ରିମିଅର ଲିଗର ସମସ୍ତ ମ୍ୟାଚ ବାତିଲ

ଉଦଳା (ମହାଭାରତ):ମୟୁରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ଅନ୍ତର୍ଗତ ବୈରାଟପୁର ପ୍ରିମିଅର ଲିଗ ସିଜିନ ୨ ର ଆଜି ଥିଲା ଶେଷ ଲିଗ ପର୍ଯ୍ୟାୟ । ୮ ଦିନ ଧରି ଚାଲିଥିବା ଏହି ପ୍ରିମିଅର ଲିଗ ରେ ଶେଷ ଲିଗ ରେ ପ୍ରଥମ ମ୍ୟାଚ ଏଜେ ଫାଇଟର ଏବଂ ରାଜବି ଫାଇଟର ମଧ୍ୟରେ ଅନୁଷ୍ଠିତ ହୋଇଥିଲା କିନ୍ତୁ ୫ ଓଭର ଖେଳ ପରେ ବାତ୍ୟା ପ୍ରଭାବ ରେ ବର୍ଷା ହେବା ଫଳ ରେ ଶେଷ ଲିଗ ମ୍ୟାଚ ଗୁଡିକ ଆଗାମୀ ନିଷ୍ପତି ଆସିବ। ଯାଏ ଖେଳ କୁ ସ୍ଥଗିତ ରଖାଗଲା ବୋଲି ବୈରାଟପୁର ପ୍ରିମିଅର ଲିଗ ର ଉପଦେଷ୍ଟା ଦୀପକ ମିଶ୍ର ସୂଚନା ଦେଇଛନ୍ତି ।

ଦୁଇ ମାସ ପରେ ବି ମିଳିଲାନି ସହାୟତା

ଜରିପାଲ ତଳେ ଅଗ୍ନିବିପନ୍ନ ପରିବାର



ଧାମନଗର:(ମହାଭାରତ)ପ୍ରଶାସନର ଦୃଷ୍ଟି ଆକର୍ଷଣ କଲେ ପରିବାର।ଦୁଇ ମାସ ବିତିଗଲା, ହେଲେ ଦୁଃଖ ଦୂର ହେଲାନି। ମୁଣ୍ଡ ଉପରେ ନାହିଁ ପକ୍କା ଛାତ, ଦୁଇ ଓଳି ଖାଇବାକୁ ମଧ୍ୟ ନାହିଁ ଭରସା। ଭାଗ୍ୟକୁ ଆଦରି ଜରିପାଲ ତଳେ ଦିନ କାଟୁଛନ୍ତି ଏକ ଅସହାୟ ଅଗ୍ନିବିପନ୍ନ ପରିବାର।ସରକାରୀ ସହାୟତା ଆଶାରେ ଦିନ ଗଣୁଛନ୍ତି ପରିବାର। ବାରମ୍ବାର ଗୁହାରି ପରେ ମଧ୍ୟ ମିଳିନାହିଁ ସ୍ଥାୟୀ ସମାଧାନ। ଏଭଳି ଏକ ଦୃଃଖଦ ଚିତ୍ର ସାମ୍ନାକୁ ଆସିଛି ଭଦ୍ରକ ଜିଲ୍ଲା ଧାମନଗର ବ୍ଲକ ସାହସପୁର ପଞ୍ଚାୟତର ଜଗନ୍ନାଥ ସାହିରୁ। ସୂଚନା ଅନୁଯାୟୀ, ଜଗନ୍ନାଥ ସାହିର ଏସ୍.କେ. ଜାହିରୁଦ୍ଦିନଙ୍କ ପରିବାର ଦୁଇ ମାସ ପୂର୍ବେ ଏକ ଭୟାବହ ଅଗ୍ନିକାଣ୍ଡରେ ସର୍ବସ୍ୱ ହରାଇଥିଲେ। ଗ୍ୟାସ୍ ସିଲିଣ୍ଡର ଲିକ୍ ଯୋଗୁଁ ତିନି ବଖରା ଘର ନିଆଁରେ ପୋଡ଼ି ପାଉଁଶ ହୋଇଯାଇଥିଲା। ଘରର ଆସବାବପତ୍ରଠାରୁ ଆରମ୍ଭ କରି ନିତ୍ୟବ୍ୟବହାର୍ଯ୍ୟ ସାମଗ୍ରୀ ପର୍ଯ୍ୟନ୍ତ ସବୁକିଛି ନଷ୍ଟ ହୋଇଯାଇଥିଲା। ଘଟଣା ପରେ ସାହସପୁର ସରପଞ୍ଚ ସରସ୍ୱତୀ ସାହୁ, ଧୃଷ୍ଣୁରୀ ବିଜେପି ମଣ୍ଡଳ ସଭାପତି ଅନୁରୋଧ ସାହୁ, ଏବଂ ଧାମନଗର ବ୍ଲକ ଅଧ୍ୟକ୍ଷ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି କିଛି ଶୁଖିଲା ଖାଦ୍ୟ ଓ ଆର୍ଥିକ ସହାୟତା ଦେଇଥିଲେ। କିନ୍ତୁ ପ୍ରାରମ୍ଭିକ ସହାୟତା ପରେ ଆଉ ମିଳିନାହିଁ କୌଣସି ସ୍ଥାୟୀ ସହାୟତା। ଏବେ ଜରିପାଲ ତଳେ ବିତୁଛି ପରିବାରର ଜୀବନ। ବର୍ଷା ହେଉ କି ପବନ, ପିଲାଛୁଆଙ୍କୁ ଧରି ପଡ଼ୋଶୀଙ୍କ ଘର ବାରଣ୍ଡାରେ ଆଶ୍ରୟ ନେବାକୁ ପଡୁଛି। ପରିବାରର ଅଭିଯୋଗ, ବାରମ୍ବାର ସରପଞ୍ଚ ଓ ରାଜସ୍ୱ ନିରୀକ୍ଷକଙ୍କ ନିକଟରେ ଗୁହାରି କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ହୋଇନାହିଁ। ପରିବାରର ଆକୁଳ ଏହି ଅସହାୟ ପରିବାର ଏବେ ନ୍ୟାୟ ଓ ସହାୟତା ଅପେକ୍ଷାରେ। ଘଟଣାର ନିରପେକ୍ଷ ତଦନ୍ତ କରି ତୁରନ୍ତ ସରକାରୀ ସହାୟତା ସହିତ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଏକ ପକ୍କା ଘର ଯୋଗାଇଦେବାକୁ ମାନ୍ୟବର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିକଟରେ ଆକୁଳ ନିବେଦନ କରିଛନ୍ତି ପରିବାର।ତେବେ କେବେ ଦୂର ହେବ ଏହି ଅସହାୟ ପରିବାରର ଦୁଃଖ କେବେ ମିଳିବ ମୁଣ୍ଡ ଗୁଞ୍ଜିବା ପାଇଁ ଏକ ସ୍ଥାୟୀ ଛାତ ପ୍ରଶାସନ କେବେ ନେବ ଏହି ପରିବାରର ଦାୟିତ୍ୱ ଏବେ ଅପେକ୍ଷା ପ୍ରଶାସନର ପଦକ୍ଷେପକୁ।

ଅକ୍ୱାନ ମୁକାବିଲା ପାଇଁ ପ୍ରଶାସନ ର ସ୍ୱତନ୍ତ୍ର ବ୍ୟବସ୍ଥା



ଅସ୍ତରଙ୍ଗ(ମହାଭାରତ): ସାମୁଦ୍ରିକ ଝଡ଼ ଅକ୍ୱାନ ଭୀଷଣ ବାତ୍ୟା ର ରୂପ ନେବା ପରେ ଏହା ଏବେ ଓଡିଶା ମୁହାଁ, ବିଶେଷକରି ଏହି ବାତ୍ୟା ଗୋପାଳପୁର ଠାରେ ସ୍ଥଳଭାଗ ଛୁଇଁବା ନେଇ ପାଣିପାଗ ବିଭାଗ ସତର୍କ ସୂଚନା ଜାରୀ କରିବା ପରେ ପୁରୀ, ଗଞ୍ଜାମ, ଗଜପତି, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଭଳି ସମ୍ବେଦନଶିଳ ବାତ୍ୟା ପ୍ରପାଡ଼ିତ ଜିଲ୍ଲା କୁ ହାଇ ଆଲର୍ଟ ଜାରୀ କରାଯାଇଛି। ଏହାକୁ ନେଇ ପୁରୀ ଜିଲ୍ଲାପାଳ ଙ୍କ ନିର୍ଦ୍ଦେଶ ରେ ଅସ୍ତରଙ୍ଗ ବ୍ଲକ ପ୍ରଶାସନ ସମ୍ପୂର୍ଣ୍ଣ ତତପର ଦେଖାଇଛି। ଆଜି ସକାଳୁ ଅସ୍ତରଙ୍ଗ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରୀ ସସ୍ମିତା ବେହେରା,ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପଣ୍ଡି ଓ ଅସ୍ତରଙ୍ଗ ଥାନା ଅଧିକାରୀ ଅସ୍ତରଙ୍ଗ ବ୍ଲକ ର ପ୍ରମୁଖ ସୁନାମୀ ପ୍ରପୀଡ଼ିତ ଅଞ୍ଚଳ ଶିଶୁଅ ପଞ୍ଚାୟତ ର କେଉଟଜଙ୍ଗା, ଛେନ୍ଦୁ, ତଣ୍ଡାଘର, ଡ଼ାଳୁଅକଣି ଭଳି ଅଞ୍ଚଳ ପରିଦର୍ଶନ କରିଛନ୍ତି, ତା ସହ ନଗର, କାଳିଆକଣ, ପାଟସୁନ୍ଦରପୁର,ଆଳସାହି ଭଳି ଅନେକ ଅଞ୍ଚଳ ପରିଦର୍ଶନ କରିଛନ୍ତି। ସମୁଦାୟ ୧୯ ଗୋଟି ବାତ୍ୟା ଆଶ୍ରୟସ୍ଥଳ ଚିହ୍ନଟ କରାଯାଇଛି। ଆବଶ୍ୟକ ସ୍ଥଳେ ଆଉ କିଛି ହାଇସ୍କୁଲ କୁ ମଧ୍ୟ ପରିବର୍ତ୍ତିତ ଆଶ୍ରୟସ୍ଥଳ ଭାବେ ଗ୍ରହଣ କରାଯାଇଛି। ବାତ୍ୟା ସମ୍ବେଦନ ଶିଳ ଅଞ୍ଚଳ କେଉଟଜଙ୍ଗା, ତଣ୍ଡାଘର ଓ ନଟରା ବାତ୍ୟା ଆଶ୍ରୟସ୍ଥଳ ରେ ଲୋକ ମାନଙ୍କୁ ଥଇଥାନ କରିବା ସହ ସେମାନଙ୍କୁ ଚୁଡା ଗୁଡ଼ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି । ଏହା ସହ ମୁକ୍ତ ରନ୍ଧାଖାଦ୍ୟ ମଧ୍ୟ ପ୍ରଶାସନ ତରଫରୁ ଦିଆଯାଇଛି,ବିଦ୍ୟୁତ ବିଭାଗ ବିଭିନ୍ନ ସ୍ଥାନରେ ସଜାଗ ରହିଛି, ପୋଲିସ ତରଫରୁ ପେଟ୍ରୋଲିଙ୍ଗ କଡାକଡ଼ି କରାଯାଉଥିବା ବେଳେ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରୀ ମୋନାଲିସା ମହାପାତ୍ର ତତ୍ୱାବୋଧନ ରେ ଅସ୍ତରଙ୍ଗ ପିର ଜାହାନିଆ ସମୁଦ୍ର କୂଳ ରେ କଡା ପେଟ୍ରୋଲିଙ୍ଗ କରାଯାଇଛି, ଲାଇଫଗାର୍ଡ ଓ ଫରେଷ୍ଟଗାର୍ଡ ମାନେ କୌଣସି ପରିସ୍ଥିତି ରେ କୌଣସି ବ୍ୟକ୍ତିବିଶେଷ ଙ୍କୁ ସମୁଦ୍ର କୂଳ ଯିବା ପାଇଁ ଛାଡୁନାହାନ୍ତି, ଅନ୍ୟ ପଟେ ଅସ୍ତରଙ୍ଗ ରେ ଓଡ୍ରାଫ ଟିମ୍ ସମ୍ପୂର୍ଣ୍ଣ ବାତ୍ୟା ମୁକାବିଲା ପାଇଁ ପ୍ରସ୍ତୁତି ଜାରୀ ରଖିଛି,ଅସ୍ତରଙ୍ଗ ବ୍ଲକ ରେ ଚଳିତ ବାତ୍ୟା ମୁକାବିଲା ପାଇଁ ପ୍ରଶାସନ ର ତତପର କୁ ସାଧାରଣ ଲୋକ ସ୍ୱାଗତ କରିଛନ୍ତି ।

ଯୁବା ପଞ୍ଚାୟତରେ ଖେଳିଗଲା ଖୁସିର ଲହରୀ, ଦୀର୍ଘଦିନର ଅପେକ୍ଷା ପରେ ମିଳିଲା ଭତ୍ତା

ପାଟଣାଗଡ (ମହାଭାରତ) ଆଜି ବଲାଙ୍ଗୀର ଜିଲ୍ଲା ବେଲପଡ଼ା ବ୍ଲକ ଅନ୍ତର୍ଗତ ଯୁବା ଗ୍ରାମ ପଞ୍ଚାୟତରେ ଖେଳିଯାଇଛି ଖୁସିର ଲହରୀ । ଦୀର୍ଘଦିନ ଧରି ଭତ୍ତା ପାଇଁ ଆବେଦନ କରି ଅପେକ୍ଷାରେ ରହିଥିବା ବହୁ ବୃଦ୍ଧ, ବୃଦ୍ଧା ଓ ଅନ୍ୟ ଯୋଗ୍ୟ ହିତାଧିକାରୀଙ୍କୁ ଶେଷରେ ଭତ୍ତା ଟଙ୍କା ମିଳିଛି। ଦୀର୍ଘଦିନର ଅପେକ୍ଷା ଓ ଆଶା ଆଜି ସଫଳ ହୋଇଥିବାରୁ ହିତାଧିକାରୀଙ୍କ ମଧ୍ୟରେ ଖୁସିର ମାହୋଲ ଦେଖିବାକୁ ମିଳିଛି। ସୂଚନା ଅନୁଯାୟୀ, ଯୁବା ଗ୍ରାମ ପଞ୍ଚାୟତର ଅନେକ ବୃଦ୍ଧ, ବୃଦ୍ଧା ଓ ଅନ୍ୟ ହିତାଧିକାରୀ ଦୀର୍ଘଦିନ ଧରି ସରକାରୀ ଭତ୍ତା ପାଇବା ଆଶାରେ ଆବେଦନ କରି ଅପେକ୍ଷା କରିଥିଲେ। ଭତ୍ତା ଟଙ୍କା ମିଳିବା ନେଇ ସେମାନଙ୍କ ମନରେ ଆଶା ଓ ଅପେକ୍ଷା ରହିଥିବା ବେଳେ ଆଜି ସେହି ଅପେକ୍ଷାର ଅନ୍ତ ଘଟିଛି। ଭତ୍ତା ଟଙ୍କା ହାତକୁ ଆସିବା ପରେ ହିତାଧିକାରୀଙ୍କ ମୁହଁରେ ହସ ଫୁଟିଥିବା ସହ ପଞ୍ଚାୟତ ଅଞ୍ଚଳରେ ଆନନ୍ଦର ପରିବେଶ ସୃଷ୍ଟି ହୋଇଛି। ଏହି ଅବସରରେ ୨୬ ନମ୍ବର ଜିଲ୍ଲା ପରିଷଦ ସଦସ୍ୟା ଶ୍ରୀମତୀ ଅନିମା ଦାସ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ହିତାଧିକାରୀମାନଙ୍କୁ ଭତ୍ତା ଟଙ୍କା ବଣ୍ଟନ କରିଥିଲେ। ଦୀର୍ଘଦିନ ଧରି ଭତ୍ତା ପାଇଁ ଅପେକ୍ଷା କରିଥିବା ହିତାଧିକାରୀମାନେ ଆଜି ସହାୟତା ପାଇଥିବାରୁ ଖୁସି ପ୍ରକାଶ କରିଥିଲେ। ବାସ୍ତବରେ ବୃଦ୍ଧାବସ୍ଥାରେ ଏହି ଭତ୍ତା ଟଙ୍କା ହିତାଧିକାରୀଙ୍କ ପାଇଁ କେବଳ ଏକ ଆର୍ଥିକ ସହାୟତା ନୁହେଁ, ବରଂ ନିଜର ଦୈନନ୍ଦିନ ଆବଶ୍ୟକତା ପୂରଣ କରିବାର ଏକ ମୁଖ୍ୟ ସାହାରା। ଔଷଧପତ୍ର କିଣିବାଠାରୁ ଆରମ୍ଭ କରି ନିଜର ଛୋଟମୋଟ ଖର୍ଚ୍ଚ ପର୍ଯ୍ୟନ୍ତ ଏହି ଟଙ୍କା ଅନେକଙ୍କୁ ସହାୟତା କରିଥାଏ। ଦୀର୍ଘଦିନର ଅପେକ୍ଷା ପରେ ଭତ୍ତା ପାଇ ହିତାଧିକାରୀଙ୍କ ମନରେ ଯେଉଁ ଖୁସି ଦେଖାଦେଇଛି, ତାହା ଆଜି ଯୁବା ପଞ୍ଚାୟତରେ ଏକ ଆନନ୍ଦମୟ ପରିବେଶ ସୃଷ୍ଟି କରିଛି। ଯୋଗ୍ୟ ହିତାଧିକାରୀମାନେ ଯେପରି ସମୟୋଚିତ ଭାବରେ ସରକାରୀ ସହାୟତା ପାଇପାରିବେ, ସେଥିପାଇଁ ଆଗାମୀ ଦିନରେ ମଧ୍ୟ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ଅଞ୍ଚଳବାସୀ ଆଶା ପ୍ରକାଶ କରିଛନ୍ତି ।

ସୀତାରାମ ୟୁଥ୍ କ୍ଲବ୍‌ର ନୂତନ କର୍ମକର୍ତ୍ତା ଚୟନ

ଦଶପଲ୍ଲା,(ମହାଭାରତ): ଦଶପଲ୍ଲା ଅଞ୍ଚଳର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ସୀତାରାମ ୟୁଥ୍ କ୍ଲବ୍'ର ନୂତନ କର୍ମକର୍ତ୍ତା ଚୟନ ପ୍ରକ୍ରିୟା ମଙ୍ଗଳବାର ଦିନ ଅନୁଷ୍ଠାନର ଉପଦେଷ୍ଟାମଣ୍ଡଳୀଙ୍କ ଉପସ୍ଥିତିରେ ସର୍ବସମ୍ମତିକ୍ରମେ ସମ୍ପନ୍ନ ହୋଇଛି । ଚୟନ ପ୍ରକ୍ରିୟାରେ ସଭାପତି ଭାବେ ମନୋରଞ୍ଜନ ସାହୁ, ଉପସଭାପତି ଭାବେ ଶ୍ରୀକାନ୍ତ ସାହୁ, ସମ୍ପାଦକ ଭାବେ ଚନ୍ଦନ ସାହୁ, ସହସମ୍ପାଦକ ଭାବେ ସମୀର ସାହୁ ଏବଂ କୋଷାଧ୍ୟକ୍ଷ ଭାବେ ସତ୍ୟବ୍ରତ ସାହୁ ମନୋନୀତ ହୋଇଛନ୍ତି । ଏହି ଅବସରରେ ନବମନୋନୀତ କର୍ମକର୍ତ୍ତାମାନେ ଅନୁଷ୍ଠାନର ନୀତି, ଆଦର୍ଶ ଓ ଗୋପନୀୟତା ବଜାୟ ରଖିବା ସହ ସାମାଜିକ ଦାୟିତ୍ୱବୋଧର ସହିତ କାର୍ଯ୍ୟ କରିବାକୁ ଶପଥ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ତ୍ରିନାଥ ସାହୁ, ରଘୁନାଥ ସାହୁ, ହାଡ଼ିବନ୍ଧୁ ମହାଖୁଡ଼, ପଞ୍ଚାନନ ବେହେରା ଓ ବିଘ୍ନେଶ୍ୱର ବେହେରା ପ୍ରମୁଖ ଉପସ୍ଥିତ ରହି ନୂତନ କର୍ମକର୍ତ୍ତାଙ୍କୁ ମାର୍ଗଦର୍ଶନ ଦେବା ସହ ଶୁଭେଚ୍ଛା ଜଣାଇଥିଲେ।

ପୋଲିସକୁ ଦେଖି ଗଞ୍ଜେଇ ଭର୍ତ୍ତି ବୋଲେରୋ ଛାଡ଼ି ମାଫିଆ ଚମ୍ପଟ; ୫୪ କେଜିରୁ ଅଧିକ ଗଞ୍ଜେଇ ଜବତ



ଗଣିଆ, (ମହାଭାରତ): ଗଣିଆ ପୋଲିସକୁ ନିଶା କାରବାର ବିରୋଧରେ ଏକ ବଡ଼ ସଫଳତା ମିଳିଛି । ଗୁରୁବାର ଦିନ ଗଣିଆ ବଜାରରେ ସାପ୍ତାହିକ ହାଟ ଚାଲିଥିବା ସମୟରେ ପୋଲିସ ପକ୍ଷରୁ ପାଟ୍ରୋଲିଂ କଡ଼ାକଡ଼ି କରାଯାଇଥିଲା । ଏହି ସମୟରେ ଗଣିଆ-ଦଶପଲ୍ଲା ମୁଖ୍ୟ ରାସ୍ତାର ଫରେଷ୍ଟ ଅଫିସ୍ ନିକଟରେ ପୋଲିସକୁ ଦେଖି ଗଞ୍ଜେଇ ଭର୍ତ୍ତି ଏକ ବୋଲେରୋ ଗାଡ଼ି ଛାଡ଼ି ମାଫିଆମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଛନ୍ତି । ସୂଚନା ଅନୁଯାୟୀ, ଦଶପଲ୍ଲା ପଟୁ ଦ୍ରୁତଗତିରେ ଆସୁଥିବା ଏହି ବୋଲେରୋ ଗାଡ଼ି ନ



ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ



ପିୟୁସି ପ୍ରମାଣପତ୍ରର ବୈଧତାରେ ପରିବର୍ତ୍ତନ କଲେ କେନ୍ଦ୍ର ସରକାର

ନୂଆ ବିଏସ୍-୬ ଗାଡ଼ିର ପିୟୁସି ବୈଧତା ସମୟସୀମା ବୃଦ୍ଧି

ନୂଆଦିଲ୍ଲୀ,୧୯।୧୧: ପଲ୍ୟୁସନ ଅଣ୍ଡର କଣ୍ଟ୍ରୋଲ ବା ପିୟୁସି ପ୍ରମାଣପତ୍ରର ବୈଧତା ସମୟସୀମାରେ ବଡ଼ ପରିବର୍ତ୍ତନ। ନୂଆ ବିଏସ୍-୬ ଗାଡ଼ିଗୁଡ଼ିକର ପିୟୁସି ବୈଧତା ସମୟସୀମା ଅଧିକ ଦିନ ଯାଏ ରହିବ। ହେଲେ ପୁରୁଣା ଗାଡ଼ିଗୁଡ଼ିକୁ ନିୟମିତ ଯାଞ୍ଚର ସମ୍ମୁଖୀନ ହୋଇ ପ୍ରମାଣପତ୍ର ହାସଲ କରିବାକୁ ହେବ। ଏନେଇ କେନ୍ଦ୍ର ସରକାରଙ୍କ ପକ୍ଷରୁ ଗୋଟିଏ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ସଡ଼କ ପରିବହନ ମନ୍ତ୍ରଣାଳୟ ପକ୍ଷରୁ ଜାରି ନୂଆ ତଥା ସଂଶୋଧିତ ବିଜ୍ଞପ୍ତିରେ କୁହାଯାଇଛି ଯେ ଯେଉଁ ଘରୋଇ ବିଏସ୍-୬ ଗାଡ଼ିଗୁଡ଼ିକର ବୟସ ୬ ବର୍ଷ ହୋଇନି ସେଗୁଡ଼ିକ ପ୍ରତି ୩ ବର୍ଷରେ ଥରେ ପିୟୁସି ପ୍ରମାଣପତ୍ର ଦରକାର ପଡ଼ିବ। ସେହିଭଳି ଯେଉଁ ଗାଡ଼ିଗୁଡ଼ିକୁ ୬ ବର୍ଷ ପୂରି ଯାଇଛି କିନ୍ତୁ ୧୦ ବର୍ଷ ଅତିକ୍ରମ କରିନାହିଁ, ସେଭଳି ଗାଡ଼ିକୁ ପ୍ରତିବର୍ଷ ସେମାନଙ୍କ ପିୟୁସି ପ୍ରମାଣପତ୍ର ରିନ୍ୟୁ ବା ନବୀକରଣ କରିବାକୁ ହେବ। ୧୦ ବର୍ଷରୁ ଅଧିକ ପୁରୁଣା ଗାଡ଼ିଗୁଡ଼ିକ ପ୍ରତି ୬ ମାସରେ ଥରେ ପିୟୁସି



ପ୍ରମାଣପତ୍ର ଯାଞ୍ଚ କରି ହାସଲ କରିବେ। କେନ୍ଦ୍ର ସରକାରଙ୍କ ସଂଶୋଧିତ ପିୟୁସି ବୈଧତା ନିୟମ ପୂରା ଦେଶରେ ଲାଗୁ ହେବ ଓ ଏହା ଦିଲ୍ଲୀ ସରକାର ଶୀତକାଳୀନ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ଲାଗୁ କରିଥିବା ନିୟମ ଠାରୁ ଭିନ୍ନ। ନଭେମ୍ବର ୧ରୁ ଫେବୃଆରୀ ୨୮ ଯାଏ ଦିଲ୍ଲୀ ସରକାର ନୋ ପିୟୁସି, ନୋ ଫ୍ୟୁଏଲ ନିୟମ ଲାଗୁ କରିଛନ୍ତି। କେନ୍ଦ୍ର ସରକାର କେବଳ ଘରୋଇ ନୁହେଁ, ପରିବହନ କାମରେ ନିୟୋଜିତ ବିଏସ୍-୬ ଗାଡ଼ିଗୁଡ଼ିକ ପାଇଁ ମଧ୍ୟ ପିୟୁସି ନିୟମ ସଂଶୋଧନ କରିଛନ୍ତି। ୬ ବର୍ଷ ପୁରୁଣା ହୋଇ ନଥିବା ପରିବହନ ସହ ଜଡ଼ିତ ଗାଡ଼ିଗୁଡ଼ିକୁ ପ୍ରତି ୨ ବର୍ଷରେ ଥରେ, ୬ ବର୍ଷରୁ ୧୦ ବର୍ଷ ମଧ୍ୟରେ ଥିବା ଗାଡ଼ିକୁ ପ୍ରତିବର୍ଷ ଓ ୧୦ ବର୍ଷରୁ ଅଧିକ ପୁରୁଣା ଗାଡ଼ିଗୁଡ଼ିକୁ ପ୍ରତି ୬ ମାସରେ ଥରେ ପିୟୁସି ପ୍ରମାଣପତ୍ର ହାସଲ କରିବାକୁ ପଡ଼ିବ। ବିଏସ୍-୧, ବିଏସ୍-୨, ବିଏସ୍-୩ ଗାଡ଼ିକଗୁଡ଼ିକୁ ପ୍ରତି ୩ ମାସରେ ପ୍ରଦୂଷଣ ଯାଞ୍ଚର ସମ୍ମୁଖୀନ ହେବାକୁ ପଡ଼ିବ। ବିଏସ୍-୪ ମଡେଲ ପାଇଁ ପିୟୁସି ପ୍ରମାଣପତ୍ର ଯାଞ୍ଚ ଅବଧି ୬ ମାସ ରଖାଯାଇଛି। ଅର୍ଥାତ ଏହି ମଡେଲର ଗାଡ଼ିଗୁଡ଼ିକୁ ପ୍ରତି ୬ ମାସରେ ଥରେ ପିୟୁସି ପ୍ରମାଣପତ୍ର ଦରକାର ହେବ।

ସଂଶୋଧିତ ନିୟମରେ ରିନ୍ୟୁ ପ୍ରମାଣପତ୍ର କେତେବେଳେ ଲାଗୁ ହେବ, ତା'ର ସ୍ପଷ୍ଟୀକରଣ ଦିଆଯାଇଛି। ଯଦି କୌଣସି ମହଜୁଦ ପ୍ରମାଣପତ୍ରର ବୈଧତା ଶେଷ ହେବାର ୧୦ ଦିନ ପୂର୍ବରୁ ରିନ୍ୟୁ ପାଇଁ ଆବେଦନ କରାଯାଉଛି, ତା'ହେଲେ ନୂଆ ପ୍ରମାଣପତ୍ର ପୁରୁଣା ପ୍ରମାଣପତ୍ରର ବୈଧତା ଶେଷ ହେଉଥିବା ତାରିଖରୁ ହିଁ ଲାଗୁ ହେବ।


ଆଉ ସବୁ ମାମଲାରେ ଯଦି ପ୍ରମାଣପତ୍ରର ବୈଧତା ଶେଷ ହେବା ପରେ ନବୀକରଣ ପାଇଁ ଆବେଦନ କରାଯାଉଛି, ତା'ହେଲେ ନୂଆ ପ୍ରମାଣପତ୍ର ନବୀକରଣର ତାରିଖରୁ ହିଁ ଲାଗୁ ହେବ।

ସଂଶୋଧିତ ନିୟମ ଲାଗୁ ହେବା ପୂର୍ବରୁ ଜାରି ହୋଇଥିବା ପ୍ରମାଣପତ୍ର କ୍ଷେତ୍ରରେ ନୂଆ ନିୟମ ଲାଗୁ ହେବା ପରେ ପ୍ରଥମଥର ନବୀକରଣ କରାଯିବା ସମୟରୁ ହିଁ ସଂଶୋଧିତ ବୈଧତା ଅବଧି ଲାଗୁ ହେବ।

ଭାରତୀୟ ବାଣିଜ୍ୟ ଓ ଉଦ୍ୟୋଗ ମହାସଙ୍ଘର ୧୦୦ତମ ବାର୍ଷିକ ସମ୍ମିଳନୀ

୫୦ କୋଟି ଲୋକ ଦାରିଦ୍ର୍ୟ ମୁକ୍ତ ହୋଇଛନ୍ତି : ମୋଦି

ନୂଆଦିଲ୍ଲୀ,୧୯।୧୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୁରୁବାର ଦିଲ୍ଲୀର ଭାରତ ମଣ୍ଡପମ୍‌ରେ ଭାରତୀୟ ବାଣିଜ୍ୟ ଏବଂ ଉଦ୍ୟୋଗ ମହାସଙ୍ଘର ୧୦୦ତମ ବାର୍ଷିକ ସମ୍ମିଳନୀ ଉଦ୍‌ଘାଟନ କରିଛନ୍ତି । ଏହି ସମୟରେ ସେ ଦେଶ ବିଦେଶରୁ ଆସିଥିବା ଉଦ୍ୟୋଗପତି ଏବଂ ନୀତି ନିର୍ମାତାଙ୍କୁ ସମ୍ବୋଧିତ କରିଛନ୍ତି । ପ୍ରଧାନମନ୍ତ୍ରୀ ତାଙ୍କ ସମ୍ବୋଧନରେ ଦେଶର ଆର୍ଥିକ ପ୍ରଗତି, ଗରିବି ଏବଂ ଭାରତୀୟ ଉଦ୍ୟୋଗ ଜଗତର ଭୂମିକା ଉପରେ ଆଲୋଚନା କରିଛନ୍ତି । ସେ କହିଛନ୍ତି ଯେ, ଗତ ୧୨-୧୩ ବର୍ଷ ମଧ୍ୟରେ ଦେଶର ୫୦ କୋଟି ଲୋକ ଗରିବିରୁ ବାହାରିଛନ୍ତି । ୭୦ ଦଶକରେ ଯେତେବେଳେ ଗରିବି ହଟାଅ ନାରା ଦିଆଯାଇଥିଲା, ସେତେବେଳେ ଦେଶର ଜନସଂଖ୍ୟା ୫୦ କୋଟି ଥିଲା । ସେହି ସମୟରେ ଗରିବି ଦୂର ହୋଇଥାଇ ପାରିଥାନ୍ତା । ହେଲେ ତାହା ହେଲା ନାହିଁ। ସରକାର ଠିକ୍ ଭାବରେ କାମ କରିବା ଯୋଗୁଁ ଗତ ୧୨ ରୁ ୧୩ ବର୍ଷ ଭିତରେ ୫୦ କୋଟି ଲୋକ ଦାରିଦ୍ର୍ୟ ମୁକ୍ତ



ହୋଇଛନ୍ତି । ଏହାର ଅର୍ଥ ଭାରତ ଏବେ ଉଚିତ୍ ଦିଗରେ ଗତି କରୁଛି । ଗତ ୧୦୦ ବର୍ଷ ଭିତରେ ଭାରତ ଅର୍ଥବ୍ୟବସ୍ଥା ଅନେକ ପର୍ଯ୍ୟାୟ ଦେଖିଛି । ଦେଶ ଲାଇସେନ୍ସ-କୋଟା ରାଜ ଏବଂ ଜାତୀୟକରଣର ଅସଫଳତା ଦେଖିଛି । ଏକବିଂଶ ଶତାବ୍ଦୀରେ ଏଭଳି ସମୟ ଆସିଲା ଯେତେବେଳେ ଭାରତୀୟ ଅର୍ଥନୀତିକୁ 'ଫ୍ରେଜାଇଲ୍ ଫାଇଭ୍' ମଧ୍ୟରେ ଗଣନା କରାଯାଇଥିଲା । ଗତ ୧୨ ବର୍ଷ ମଧ୍ୟରେ ଦେଶବାସୀଙ୍କ କଠିନ ପରିଶ୍ରମ ଦ୍ୱାରା ଏହି ପରିସ୍ଥିତିରେ ପରିବର୍ତ୍ତନ ଆସିଛି। ଯୁବପିଢ଼ି, କୃଷକ, ଶ୍ରମିକ ଏବଂ ଶିଳ୍ପ ସହିତ ଜଡିତ ଲୋକମାନେ ଏଥିରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ଦେଇଛନ୍ତି । ଏହି କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଉଦ୍ୟୋଗ ଜଗତକୁ ଭବିଷ୍ୟତର ଲକ୍ଷ୍ୟ ଧାର୍ଯ୍ୟ କରିବାକୁ ଅପିଲ୍ କରିଛନ୍ତି । ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି ଯେ ତାଙ୍କୁ ପୂର୍ବରୁ ଅନେକ ଥର ଉ ଉ ଉ ଉ ଓ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବାର ସୁଯୋଗ ମିଳିଛି, କିନ୍ତୁ ଆଜିର ଏହି ଅବସର ସ୍ୱତନ୍ତ୍ର । ଉଓଉଉଓ ଏହାର ପ୍ରତିଷ୍ଠାର ୧୦୦ ବର୍ଷ ପୂରଣ କରୁଛି । ଏକ ସଂଗଠନ ପାଇଁ ୧୦୦ ବର୍ଷ ପର୍ଯ୍ୟନ୍ତ ସଚେତନ ଏବଂ ସକ୍ରିୟ ରହିବା, ପରିବର୍ତ୍ତିତ ସମୟ ସହିତ ଖାପ ଖୁଆଇବା ଏବଂ ଦେଶର ଅର୍ଥନୈତିକ ଯାତ୍ରାରେ ଭୂମିକା ଗ୍ରହଣ କରିବା ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା । ଏହି ଅବସରରେ, ସେ ସଂଗଠନ ସହିତ ଜଡିତ ସମସ୍ତ ପୂର୍ବତନ ଏବଂ ବର୍ତ୍ତମାନର ସହକର୍ମୀଙ୍କୁ ଅଭିନନ୍ଦନ ଏବଂ ଶୁଭକାମନା ଜଣାଇଥିଲେ ।

କେନାଲ ଭିତରକୁ ଖସିଲା ସ୍କର୍ପିଓ, ଚାଲିଗଲା ୬ ଜୀବନ

ପାଟଣା,୧୯।୧୧: ବିହାରର ଅରରିଆ ଜିଲାରେ ଘଟିଛି ଏକ ଭୟଙ୍କର ସଡ଼କ ଦୁର୍ଘଟଣା। ଏକ ସ୍କର୍ପିଓ ନିୟନ୍ତ୍ରଣ ହରାଇ କେନାଲକୁ ଖସିପଡ଼ି ଥିଲା। ଏହି ମର୍ମନ୍ତୁଦ ଦୁର୍ଘଟଣାରେ ୬ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକମାନେ ସମସ୍ତେ ସୁପୌଲ ଜିଲାର ଥୁମହା ଗାଁର ବାସିନ୍ଦା ବୋଲି ଜଣାପଡ଼ିଛି। ଏପରିକି ଗୁରୁତରଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ମୁତାବକ, ତାରାବାଡ଼ି ଥାନା ଅନ୍ତର୍ଗତ ବିଡ଼ି ପୋଲ ନିକଟରେ ବୁଧବାର ବିଳମ୍ବିତ ରାତିରେ ଏହି ଦୁର୍ଘଟଣା ଘଟିଥିଲା। ସ୍କର୍ପିଓରେ ୭ ଜଣ ଯାତ୍ରୀ ଥିଲେ। ସେମାନେ ସିକଟିର ଭପଟିଆ ଅଞ୍ଚଳରେ ଆୟୋଜିତ ଏକ ତିଳକ ସମାରୋହରୁ ଫେରୁଥିଲେ। ହେଲେ ଗାଡ଼ିଟି ଭାରସାମ୍ୟ ହରାଇ ପୋଲର ବାଡ଼ ଭାଙ୍ଗି ମରିଆ କେନାଲକୁ ଖସିପଡ଼ିଥିଲା।

ଦୁର୍ଘଟଣାର ଶବ୍ଦ ଶୁଣି ସ୍ଥାନୀୟ ଲୋକେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ରଶି ସାହାଯ୍ୟରେ କେନାଲରେ ବୁଡ଼ିଥିବା ଗାଡ଼ିକୁ ବାନ୍ଧି ରଖିଥିଲେ। ଖବର ପାଇ ପୋଲିସ ପହଞ୍ଚିବା ପରେ ଜେସିବି ସାହାଯ୍ୟରେ ସ୍କର୍ପିଓକୁ ପାଣିରୁ ବାହାର କରିଥିଲା। ପରେ ଗାଡ଼ି ଭିତରେ ଫସି ରହିଥିବା ଲୋକଙ୍କୁ ଉଦ୍ଧାର କରି ତୁରନ୍ତ ହସ୍ପିଟାଲ ପଠାଯାଇଥିଲା। ହେଲେ ସେଠାରେ ଡାକ୍ତର ୬ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ମଧ୍ୟରେ ୪ଜଣ ନାବାଳକ ଥିବା ସୂଚନା ମିଳିଛି।

୨୦୩୫ରେ ବଦଳିବ ବିଶ୍ୱର ଧାର୍ମିକ ସମୀକରଣ
ମୁସ୍‌ଲିମ୍ ଜନସଂଖ୍ୟା ହୋଇଯିବ ସବୁଠୁ ଅଧିକ

ନୂଆଦିଲ୍ଲୀ,୧୯।୧୧: ବିଶ୍ୱରେ ଖ୍ରୀଷ୍ଟିଆନଙ୍କୁ ପଛରେ ପକାଇବେ ମୁସଲିମ୍ । ୨୦୩୫ ବେଳକୁ ମୁସଲିମ୍ ଜନସଂଖ୍ୟା ସବୁଠୁ ଅଧିକ ହୋଇଯିବ । ଅର୍ଥାତ ଏଥିପାଇଁ ଆଉ ୧୦ ବର୍ଷରୁ କମ୍ ସମୟ ଲାଗିବ । ଅନ୍ୟପକ୍ଷରେ ବିଶ୍ୱ ଜନସଂଖ୍ୟାରେ ହିନ୍ଦୁ ଓ ଇହୁଦୀଙ୍କ ଅଂଶ ହ୍ରାସ ପାଇବ । ୨୦୨୦ରେ ବିଶ୍ୱରେ ୨୨୭ କୋଟି ଖ୍ରୀଷ୍ଟିଆନ ଓ ୨୦୨ କୋଟି ମୁସଲମାନ ଥିଲେ । ୨୦୩୫ ସୁଦ୍ଧା ମୁସଲମାନଙ୍କ ସଂଖ୍ୟା ୨୫୭ କୋଟି ଓ ଖ୍ରୀଷ୍ଟିଆନ ସଂଖ୍ୟା ୨୫୨ କୋଟି ହୋଇଯିବ । ଯଦି ଏହି ଧାରା ବଳବତ୍ତର ରୁହେ, ତେବେ ୨୦୭୦ ବେଳକୁ ବିଶ୍ୱରେ ମୁସଲମାନଙ୍କ ସଂଖ୍ୟା ୩୬୦ କୋଟି ଏବଂ ଖ୍ରୀଷ୍ଟିଆନଙ୍କ ସଂଖ୍ୟା ୩୦୦ କୋଟି ହେବ ।

ପ୍ୟୁ ରିସର୍ଚ୍ଚ ସେଣ୍ଟର ପକ୍ଷରୁ ବୁଧବାର ପ୍ରକାଶିତ ତାଜା ତଥ୍ୟରୁ ଏହି ଖୁଲାସା ହୋଇଛି । ଖ୍ରୀଷ୍ଟିଆନ ଧର୍ମକୁ ପଛରେ ପକାଇ ଇସ୍ଲାମ୍ ସବୁଠୁ ବଡ଼ ଧର୍ମ ବିବେଚିତ ହେବା ନେଇ ଏଥିରେ ଦର୍ଶାଯାଇଛି । ରିପୋର୍ଟ ସ୍ପଷ୍ଟ କରିଛି, ଉଭୟ ମୁସ୍ଲିମ୍ ଓ ଖ୍ରୀଷ୍ଟିଆନ ଲୋକସଂଖ୍ୟା ବୃଦ୍ଧି ପାଉଛି । କିନ୍ତୁ ମୁସ୍‌ଲିମଙ୍କ ଅଭିବୃଦ୍ଧି ହାର ବେଶ୍ ଦ୍ରୁତ ରହିଛି । ଅନ୍ୟ ଧାର୍ମିକ ସମୂହ ତୁଳନାରେ ମୁସଲମାନ ପିଲାଙ୍କ ସଂଖ୍ୟା ଅଧିକ ହେବା କାରଣରୁ ଏମାନଙ୍କ ସଂଖ୍ୟା ସର୍ବାଧିକ ହେବାକୁ ଯାଉଛି ।

ପ୍ୟୁ'ର ବରିଷ୍ଠ ଜନସାଂଖ୍ୟିକ ବିଶେଷଜ୍ଞ କନରାଡ ହ୍ୟାକେଟ କହିଛନ୍ତି, ଏହା ପିଲାଙ୍କ ସଂଖ୍ୟା ପ୍ରସଙ୍ଗ । ଧର୍ମ ପରିବର୍ତ୍ତନ କିମ୍ବା ଧାର୍ମିକ ପରିଚୟ ବଦଳାଇବାର ଅନ୍ୟ ଉପାୟ ତୁଳନାରେ ଏଠି ପ୍ରଜନନ କ୍ଷମତା ସବୁଠୁ ବଡ଼ ଉପାଦାନ ସାଜିଛି । ପ୍ୟୁ ରିପୋର୍ଟ ଅନୁସାରେ, ୨୦୨୦-୨୦୨୫ ବେଳେ ମୁସଲମାନଙ୍କ ପ୍ରଜନନ ହାର 'ମହିଳାଙ୍କ ପିଛା ୩.୧ ପିଲା' ରହିଥିଲା । ଯେବେ କି ଖ୍ରୀଷ୍ଟିଆନଙ୍କ କ୍ଷେତ୍ରରେ ଏହା ୨.୫ ଥିଲା । ଅନ୍ୟ ସମସ୍ତ ମହିଳାଙ୍କ କ୍ଷେତ୍ରରେ ଏହା ହାରାହାରି ୧.୬ ରହିଥିଲା ।

ଅଭିନେତା ସୈଫ୍ ଅଲ୍ଲୀ ଖାନଙ୍କୁ ହତ୍ୟା ଧମକ

ମୁମ୍ବାଇ,୧୯।୧୧: ବଲିଉଡ୍ ତାରକାମାନଙ୍କୁ ଗତ କିଛି ଦିନରେ ବାରମ୍ବାର ଧମକ ମିଳୁଛି। କିଛି ଦିନ ପୂର୍ବରୁ ଅଭିନେତା ଟାଇଗର ଶ୍ରଫ୍ ଉପରେ ଆକ୍ରମଣ ହୋଇଥିଲା। ପୂର୍ବରୁ ସୁପରଷ୍ଟାର ସଲମାନ ଖାନ, ରୋହିତ ସେଟ୍ଟୀ ଏବଂ ବରିଷ୍ଠ ଅଭିନେତା ଅମିତାଭ ବଚ୍ଚନଙ୍କ ସମେତ ଅନେକ ଫିଲ୍ମ ଇଣ୍ଡଷ୍ଟ୍ରି ବ୍ୟକ୍ତିଙ୍କୁ ହତ୍ୟା ଧମକ ମିଳିଛି। ଏବେ ଖବର ଆସୁଛି ଯେ ଅଭିନେତା ସୈଫ୍ ଅଲ୍ଲୀ ଖାନଙ୍କୁ ହତ୍ୟା ଧମକ ଦିଆଯାଇଛି। ଆଶ୍ଚର୍ଯ୍ୟଜନକ କଥା ହେଉଛି ଯେ ଅଭିନେତାଙ୍କୁ ଧମକ ଦେଉଥିବା ବ୍ୟକ୍ତି ଅନ୍ୟ କେହି ନୁହଁନ୍ତି ବରଂ ପୂର୍ବତନ ମନ୍ତ୍ରୀ ବାବା ସିଦ୍ଦିକଙ୍କ ହତ୍ୟା ମାମଲାରେ ପଳାତକ ଅଭିଯୁକ୍ତ ଜୀଶାନ୍ ଅଖତର। ଏହି ଘଟଣା ସାମ୍ନାକୁ ଆସିବା ମାତ୍ରେ, ପୁଲିସ ହାଇ ଆଲର୍ଟରେ ରହିଛି ଏବଂ ପ୍ରତ୍ୟେକ ଦୃଷ୍ଟିକୋଣରୁ ମାମଲାର ତଦନ୍ତ କରୁଛି ଏବଂ ଅଭିଯୁକ୍ତଙ୍କୁ ଖୋଜୁଛି। ହତ୍ୟା ଧମକ ପାଇବା ପରଠାରୁ ମୁମ୍ବାଇ ପୁଲିସ ତଦନ୍ତ କରୁଛି। ରିପୋର୍ଟ ଅନୁଯାୟୀ, ଅଭିନେତା ସୈଫ୍ ଅଲ୍ଲୀ ଖାନଙ୍କୁ ବାବା ସିଦ୍ଦିକ ହତ୍ୟା ମାମଲାର ଜଣେ ୱାଣ୍ଟେଡ୍ ଅଭିଯୁକ୍ତ ଜୀଶାନ୍ ଅଖତରଙ୍କଠାରୁ ଧମକ ମିଳିଛି। ମୁମ୍ବାଇ ପୁଲିସ ଜାଣିବାକୁ ଚେଷ୍ଟା କରୁଛି ଯେ ଅଖତର ପ୍ରକୃତରେ ଏହି ଧମକ ଦେଇଥିଲେ ନା ଅନ୍ୟ କେହି।

'ଦ୍ୱିତୀୟ ବିବାହର ସନ୍ତାନଙ୍କୁ ବି ମା'ଙ୍କ ସମ୍ପତ୍ତିରେ ମିଳିବ ଅଧିକାର'

ନୂଆଦିଲ୍ଲୀ,୧୯।୧୧: ସାଧାରଣତଃ ପରିବାରର ସଦସ୍ୟଙ୍କ ମଧ୍ୟରେ ସମ୍ପତ୍ତିକୁ ନେଇ ବିବାଦ ଦେଖିବାକୁ ମିଳେ। ବିଶେଷକରି ଜଣେ ମହିଳାଙ୍କ ବିବାହ ପରେ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଯିବା ଏବଂ ପରେ ମହିଳା ଜଣକ ଦ୍ୱିତୀୟ ବିବାହ କରିବା ପରେ ଏଭଳି ବିବାଦ ଆହୁରି ଜଟିଳ ହୋଇଯାଏ। ଏପରି ସ୍ଥିତିରେ ସବୁଠାରୁ ବଡ଼ ପ୍ରଶ୍ନ ଉଠେ ଯେ, ପ୍ରଥମ ବିବାହ ପରେ ସ୍ୱାମୀଙ୍କ ପରିବାରରୁ ମିଳିଥିବା ସମ୍ପତ୍ତି ଉପରେ ମହିଳାଙ୍କ ଦ୍ୱିତୀୟ ବିବାହରୁ ଜନ୍ମ ହୋଇଥିବା ପିଲାମାନଙ୍କର ଅଧିକାର ରହିବ କି ନାହିଁ ଏଭଳି ଏକ ମାମଲାରେ ସୁପ୍ରିମକୋର୍ଟ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ତେବେ ଜାଣନ୍ତୁ, ପୂରା ମାମଲା କ'ଣ ଏବଂ କୋର୍ଟ ଏହା ଉପରେ କ'ଣ ନିଷ୍ପତ୍ତି ନେଇଛନ୍ତି। ଏହି ମାମଲା ଜଣେ ମହିଳାଙ୍କ ସହ ଜଡ଼ିତ। ମହିଳାଙ୍କ ସ୍ୱାମୀ ଏବଂ ପୁଅଙ୍କ ମୃତ୍ୟୁ ହୋଇଯାଇଥିଲା। ସେମାନଙ୍କ ମୃତ୍ୟୁ ପରେ



ମହିଳାଙ୍କୁ ଉତ୍ତରାଧିକାର ସୂତ୍ରରେ ପ୍ରାୟ ୪୫ ବିଘା କୃଷି ଜମି ମିଳିଥିଲା। ପ୍ରଥମ ସ୍ୱାମୀଙ୍କ ମୃତ୍ୟୁ ପରେ ମହିଳା ଜଣକ ଦ୍ୱିତୀୟ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ। ମିଳିଥିବା ସୂଚନା ଅନୁଯାୟୀ, ମହିଳାଙ୍କୁ ଏହି ଜମି ୧୯୫୬ ପୂର୍ବରୁ ମିଳିଥିଲା। ଦିଲ୍ଲୀ ଭୂ-ସଂସ୍କାର ଆଇନ, ୧୯୫୪ ଅନୁଯାୟୀ ତାଙ୍କୁ ଏହି ଜମିର ଆଇନଗତ ଅଧିକାରୀ ଭାବେ ମାନ୍ୟତା ଦିଆଯାଇଥିଲା।

ମହିଳା ଜଣକ ନିଜ ପ୍ରଥମ ସ୍ୱାମୀଙ୍କ ପରିବାରର ଜଣେ ସଦସ୍ୟଙ୍କୁ ଦ୍ୱିତୀୟ ବିବାହ କରିଥିଲେ। ଏହି ଦ୍ୱିତୀୟ ବିବାହରୁ ତାଙ୍କର ଦୁଇଟି ପୁଅ ଜନ୍ମ ହୋଇଥିଲେ। କିନ୍ତୁ ମହିଳାଙ୍କ ସମ୍ପତ୍ତି ଉପରେ ଅଧିକାର କଥା ଉଠିବା ପରେ ପ୍ରଥମ ସ୍ୱାମୀଙ୍କ ପରିବାର ଲୋକେ ଜମି ଉପରେ ନିଜର ଦାବି ଜାହିର କରିଥିଲେ। ସେମାନଙ୍କ କହିବା ଅନୁଯାୟୀ, ଜମି ତାଙ୍କ ପରିବାରର ହୋଇଥିବାରୁ ଏହା ଉପରେ ମଧ୍ୟ ସେମାନଙ୍କର ଅଧିକାର ରହିଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଗୋଟିଏ ପଟେ ପ୍ରଥମ ସ୍ୱାମୀଙ୍କ ପରିବାର ଲୋକେ ଜମି ଉପରେ ନିଜର ଅଧିକାର ଦାବି କରୁଥିବାବେଳେ ଅନ୍ୟପଟେ ମହିଳାଙ୍କ ଦ୍ୱିତୀୟ ବିବାହରୁ ଜନ୍ମିତ ଦୁଇ ପୁଅ ମଧ୍ୟ ଜମି ଉପରେ ନିଜର ଅଧିକାର ଦାବି କରିଥିଲେ। ସେମାନଙ୍କ କହିବା ଅନୁଯାୟୀ, ଜମି ଯେହେତୁ ସେମାନଙ୍କ ମାଆଙ୍କର, ତେଣୁ ତାଙ୍କ ମୃତ୍ୟୁ ପରେ ଏହା ଉପରେ ସେମାନଙ୍କର ଅଧିକାର ରହିବ। ଏହାପରେ ମାମଲା ସୁପ୍ରିମକୋର୍ଟରେ ପହଞ୍ଚିଥିଲା। କୋର୍ଟ ହିନ୍ଦୁ ଉତ୍ତରାଧିକାର ଆଇନ, ୧୯୫୬ର ଧାରା ୧୪(୧) ଅନୁଯାୟୀ ଏହାର ବିଚାର କରିଥିଲେ।

ଆତଙ୍କବାଦ ବିରୋଧୀ ରଣନୀତି ନେଇ ବଡ଼ ମନ୍ଥନ

ଦୁଇଦିନିଆ ସମ୍ମିଳନୀକୁ ଉଦ୍‌ଘାଟନ କଲେ ଅମିତ ଶାହ

ନୂଆଦିଲ୍ଲୀ,୧୯।୧୧: ଦେଶର ସୁରକ୍ଷା ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଏବଂ ଆତଙ୍କବାଦର ମୂଳୋତ୍ପାଟନ କରିବା ଲକ୍ଷ୍ୟରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ଗୁରୁବାର ନୂଆଦିଲ୍ଲୀରେ ଦୁଇ ଦିନିଆ ଆତଙ୍କବାଦ ବିରୋଧୀ ସମ୍ମିଳନୀକୁ ଉଦଘାଟନ କରିଛନ୍ତି। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ପକ୍ଷରୁ ଆୟୋଜିତ ଏହି ସମ୍ମିଳନୀରେ ଚଳିତ ବର୍ଷ ସୀମାପାର ଆତଙ୍କବାଦକୁ ମୁଖ୍ୟ ପ୍ରସଙ୍ଗ ଭାବେ ରଖାଯାଇଛି। କେନ୍ଦ୍ରୀୟ ଏଜେନ୍ସି, ରାଜ୍ୟ ପୁଲିସ ଏବଂ ବୈଷୟିକ ଓ ଫରେନସିକ୍ ବିଶେଷଜ୍ଞମାନଙ୍କ ମଧ୍ୟରେ ଉତ୍ତମ ସମନ୍ୱୟ ରକ୍ଷା କରି ଭବିଷ୍ୟତର ଆତଙ୍କବାଦ ନିରୋଧୀ ରଣନୀତି ପ୍ରସ୍ତୁତ କରିବା ଏହାର ମୂଳ ଉଦ୍ଦେଶ୍ୟ। ଗୃହ ମନ୍ତ୍ରଣାଳୟର ସୂଚନା ମୁତାବକ, ଦୁଇ ଦିନିଆ ଅଧିବେଶନରେ ବିଦେଶୀ ରାଷ୍ଟ୍ରରୁ ପ୍ରମାଣ ସଂଗ୍ରହ, ଡିଜିଟାଲ ଫରେନସିକ୍ ବ୍ୟବହାର, ଆତଙ୍କବାଦୀଙ୍କୁ ଆର୍ଥିକ ସହାୟତା ନେଟୱର୍କ ଧ୍ୱଂସ କରିବା ଏବଂ ମୌଳବାଦର



ମୁକାବିଲା ଉପରେ ବିସ୍ତୃତ ଆଲୋଚନା ହେବ। ଏହାସହ ରାଜ୍ୟ ପୁଲିସ ଅଧିକାରୀମାନଙ୍କ ଦକ୍ଷତା ବୃଦ୍ଧି ପାଇଁ ଏକ ସ୍ୱତନ୍ତ୍ର ତାଲିମ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହେଉଛି, ଯେଉଁଥିରେ ନୂତନ ଅପରାଧିକ ଆଇନର ପ୍ରୟୋଗ ଏବଂ ସାକ୍ଷୀଙ୍କ ସୁରକ୍ଷା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯିବ। ସମ୍ମିଳନୀରେ ବିଭିନ୍ନ ରାଜ୍ୟର ବରିଷ୍ଠ ପୁଲିସ ଅଧିକାରୀ ଏବଂ କେନ୍ଦ୍ରୀୟ ସୁରକ୍ଷା ସଂସ୍ଥାର ଅଧିକାରୀମାନେ ଅଂଶଗ୍ରହଣ କରିଛନ୍ତି।

ବାଂଲାଦେ

ଭୁବନେଶ୍ୱର, ଶୁକ୍ରବାର ୨୦ ନଭେମ୍ବର ୨୦୨୬
Bhubaneswar, Friday 20 November 2026
ମଇଦାନ୍
ମହାଭାରତ
ଏଇ ମାଟିରେ ଯୋଡୁଛି ନୂଆ ସମ୍ମାନ
ପୃଷ୍ଠା ୦୮

ନିକୋଲସ-ଫିଲିପ୍ସଙ୍କ ଲଢୁଆ ଇଂନିସ, ନ୍ୟୁଜିଲାଣ୍ଡ ୫/୨୪୩

ୱେଲିଂଟନ, ୧୯।୧୧: ଗୋଟିଏ ସବୁଜ ସଂରକ୍ଷିତ ପିଚ, ହାଲୁକା ପବନ ଓ ଯଶପ୍ରୀତ ବୁମ୍ରାଙ୍କ ଘାତକ ସ୍ପେଲ ଭାରତ ପାଇଁ ବଡ଼ ସୁଯୋଗ ଆଣି ଦେଇଥିଲା। ଘରୋଇ ଟିମ ନ୍ୟୁଜିଲ୍ୟାଣ୍ଡ ୭୦ ରନରେ ୫ଟି ୱିକେଟ ହରାଇ ସାରିଥିଲା। ତେବେ ଏହାର ଫାଇଦା ଉଠାଇ ପାରିନଥିଲେ ଅନ୍ୟ ବୋଲର। ଟସ୍ ଜିତି ପ୍ରଥମେ ବୋଲିଂ କରିବା ଭାରତ ପାଇଁ ରଙ୍ଗ ଆଣିଥିଲା। କିନ୍ତୁ ପ୍ରାରମ୍ଭିକ ସଫଳତା ସତ୍ତ୍ୱେ ସୁଯୋଗ ହାତ ଛଡ଼ା କରି ଦେଇଛି ଶୁବମନ ଗିଲଙ୍କ ଟିମ ଇଣ୍ଡିଆ। ହେନରୀ ନିକୋଲସ ଓ ଗ୍ଲେନ ଫିଲିପ୍ସ ଭାରତକୁ ପ୍ରାରମ୍ଭିକ ବିପର୍ଯ୍ୟୟର ଫାଇଦା ଉଠାଇବାକୁ ଦେଇ ନାହାନ୍ତି। ଦୁଇ ଜଣ ଯାକ ପ୍ରଥମ ଟେଷ୍ଟର ପ୍ରଥମ ଦିନର ଅଧିକାଂଶ ସମୟ ଖେଳିଛନ୍ତି। ୬ଷ୍ଠ ୱିକେଟ ପାଇଁ ଅଭିଭାଜିତ ୧୭୩ ରନ ଯୋଡ଼ି ଉଭୟ ଭାରତକୁ ବ୍ୟାକଫୁଟକୁ ଠେଲି ଦେଇଛନ୍ତି। ପ୍ରଥମ ଦିନର ଷଷ୍ଠ ଅପସାରଣ ବେଳକୁ ନ୍ୟୁଜିଲ୍ୟାଣ୍ଡ ୫ ୱିକେଟରେ ୨୪୩ ରନ କରି ନେଇଛି।

ବୁମରାଙ୍କ ଘାତକ ବୋଲିଂ ସତ୍ତ୍ୱେ ଫେଲ୍ ମାରିଲେ ଅନ୍ୟ ବୋଲର

ନିକୋଲସ ଅପରାଜିତ ୧୧୩ ରନ କରିବା ସହ ନିଜର ୧୨ତମ ଟେଷ୍ଟ ଶତକ ହାସଲ କରିଛନ୍ତି। ଫିଲିପ୍ସ ମଧ୍ୟ ନିଜର ପ୍ରଥମ ଟେଷ୍ଟ ଶତକର ଅତି ନିକଟରେ ରହିଛନ୍ତି। ସେ ୯୪ ରନରେ ଅପରାଜିତ ଅଛନ୍ତି। ୭୦/୫ରୁ ନ୍ୟୁଜିଲ୍ୟାଣ୍ଡ ୨୪୩/୫ରେ ପହଞ୍ଚି ବେଶ ସକାରାତ୍ମକ ଢଙ୍ଗରେ ପ୍ରଥମ ଦିନର ଖେଳ ଶେଷ କରିଛି।

ୱେଲିଙ୍ଗଟନ ପିଚ୍‌ରେ ୧୫ଏମଏମର ଘାଷ ଓ ପବନ ବହୁ ଥିବାରୁ ଗିଲ୍ ଟସ୍ ଜିତି ବିନା କୌଣସି ସଙ୍କଚରେ ବୋଲିଂ ନିଷ୍ପତ୍ତି ନେଇଥିଲେ। ଆଉ ଯଶପ୍ରୀତ ବୁମ୍ରାଙ୍କୁ ନିଜର ଛାପ ଛାଡ଼ିବାକୁ ମାତ୍ର ୩ଟି ବଲର ଆବଶ୍ୟକତା ଥିଲା। ବୁମ୍ରା ନିଜର ଘାତକ ବଲ ବଳରେ ନ୍ୟୁଜିଲ୍ୟାଣ୍ଡର କ୍ୟାପ୍‌ଟେନ ଟମ ଲାଥମଙ୍କ ଅଫ ଷ୍ଟମ୍ପ ହୁଗାଳି ଦେଇଥିଲେ। ଲାଥମଙ୍କୁ ଅନୁସରଣ କରିଥିଲେ ଅନ୍ୟତମ ଓପନର ଡେଭନ କନୱେ। ସେ ଅଂଶୁଲ କମ୍ବୋଜଙ୍କ ବଲରେ ୱିକେଟ କିପର ଋଷଭ ପନ୍ତଙ୍କ ହାତରେ ଧରା ପଡ଼ିଥିଲେ। ବୁମ୍ରା ନିଜର ମୁଭମେଣ୍ଟ ଓ ବାଉନ୍ସ ବଳରେ ବ୍ୟାଟରଙ୍କୁ ଘାଇଲା କରୁଥିବା ବେଳେ ଆକାଶ ଦୀପ କମାଲ କରି ରଚିବ ରବୀନ୍ଦ୍ରଙ୍କୁ ପ୍ୟାଭିଲିୟନ ପଠାଇଥିଲେ।ଅଭିଜ୍ଞ ଡାରେଲ ମିଚେଲ ସୁଇଂକୁ କାଉଣ୍ଟର କରିବାକୁ ଷ୍ଟେପ ଆଉଟ କରୁଥିବାରୁ ବୁମ୍ରା ତୁରନ୍ତ ଯଶସ୍ୱୀ ଜୈସୱାଲଙ୍କୁ ଶର୍ଟଲେଗ ଅଞ୍ଚଳରେ ମୁତୟନ କରିଥିଲେ। ଏହା ମଧ୍ୟ କାମ ଦେଇଥିଲା। ମିଚେଲ(୧)ଙ୍କୁ ବୁମ୍ରା କ୍ୟାଚ ଆଉଟ କରାଇ ଦେଇଥିଲେ।ଟମ ବଣ୍ଡେଲ ମାତ୍ର ୫ ରନ କରି ବୁମ୍ରାଙ୍କ ତୃତୀୟ ଶିକାର ବନିବାରୁ ନ୍ୟୁଜିଲ୍ୟାଣ୍ଡ ବ୍ୟାକଫୁଟକୁ ଚାଲି ଯାଇଥିଲା। ଦଳ ୭୦ ରନରେ ୫ ୱିକେଟ ହରାଇ ବିପର୍ଯ୍ୟୟର ସାମ୍ନା କରିଥିଲା।

ହେଲେ ଏତିକି ବେଳେ ନିକୋଲସ ଓ ଫିଲିପ୍ସ ସ୍ଥିତି ସମ୍ଭାଳିଥିଲେ। ଭାରତ ବିପକ୍ଷରେ ନିକୋଲସଙ୍କ ରେକର୍ଡ ଆଗି ଭଲ ନଥିଲା। ସେ ୬ଟି ଟେଷ୍ଟରେ ଭାରତ ବିପକ୍ଷରେ କେବଳ ୧୩.୫୫ ହାରରେ ରନ କରିଥିଲେ। ତାଙ୍କ ସର୍ବାଧିକ ସ୍କର ମଧ୍ୟ ୪୪ ଥିଲା। ତେଣୁ ସେ ବେଶୀ ସମୟ ଟିଙ୍କି ପାରିବେ ନାହିଁ ବୋଲି ଆଶା କରାଯାଉଥିଲା।ଏକଦା ସେ ବୁମ୍ରାଙ୍କ ବଲରେ କିପର ପନ୍ତଙ୍କ ଦ୍ୱାରା କ୍ୟାଚ୍ ହୋଇଥିବା ଅମ୍ପାୟାର ଭାବି ନେଇଥିଲେ। କିନ୍ତୁ ରିଭ୍ୟୁ ତାଙ୍କୁ ବଞ୍ଚାଇ ଦେଇଥିଲା। ଏହା ପରଠାରୁ ସେ ଭାରତୀୟ ବୋଲରଙ୍କ କଡ଼ା ମୁକାବିଲା କରିଥିଲେ।ନିକୋଲସ ଦେଖି ଚାହିଁ ବ୍ୟାଟିଂ କରୁଥିବା ବେଳେ ଫିଲ୍ସ ଭାରତୀୟ ବୋଲରଙ୍କ ଠାରୁ ରନ ଆଦାୟ କରିବାକୁ ଲାଗି ପଡ଼ିଥିଲେ। ଉଭୟ ଭାରତୀୟ ବୋଲର ଓ ଫିଲ୍ଡରଙ୍କୁ ପଡ଼ିଆରେ ବେଶ ଘାଇଲା କରିଥିଲେ। ଉଭୟ ଭାରତୀୟ ବୋଲରଙ୍କୁ ଆଉ କୌଣସି ବିପର୍ଯ୍ୟୟ ଘଟାଇବାକୁ ଦେଇ ନଥିଲେ। ପିଚ୍ ଓ ପାଗରେ ମଧ୍ୟ ସମୟ ଗଡ଼ିବା ସହ ପରିବର୍ତ୍ତନ ଆସିଥିଲା।




ପିଚ୍‌ରେ ଥିବା ଆଦ୍ରତା ମଧ୍ୟ ଶୁଖି ଯାଇଥିଲା। ବଲରେ ଥିବା ଚମକ ଓ ଆରମ୍ଭରୁ ମିଳୁଥିବା ସୁଇଂ ମଧ୍ୟ କମି ଯାଇଥିଲା। ପିଚ୍‌ରେ ବାଉନ୍ସ ଥିଲେ ମଧ୍ୟ ବ୍ୟାଟିଂ ଏକପ୍ରକାରର ସହଜ ହୋଇଯାଇଛି। ଏପରି ସ୍ଥିତିରେ ଭାରତ ବାଟବଣା ହୋଇ ଯାଇଛି। ପ୍ରସିଦ୍ଧ କ୍ରିଷ୍ଣା ସବୁଠାରୁ ନିରାଶ କରିଛନ୍ତି। ସେ ନିଜ ସ୍ପଲର ପ୍ରଥମ ୮ ଓଭରରେ ୩୫ ରନ ଖର୍ଚ୍ଚ କରିଥିଲେ। କମ୍ବୋଜ ଭଲ ପ୍ରଦର୍ଶନ କରିଛନ୍ତି। ହେଲେ ସେ ସେଟ୍ ହୋଇସାରିଥିବା ବ୍ୟାଟରଙ୍କ ଉପରେ କୌଣସି ପ୍ରଭାବ ଛାଡ଼ି ପାରି ନାହାନ୍ତି। ଆକାଶ ଦୀପ ମଧ୍ୟ ନିରାଶ ହୋଇଛନ୍ତି। ବୁମ୍ରାଙ୍କୁ ଛାଡ଼ି ଦେଲେ ଭାରତର ବାକି ୩ ଦ୍ରୁତ ବୋଲର କିଛି ବି ପ୍ରଭାବ ପକାଇ ପାରିନାହାନ୍ତି। ଚା'ପାନ ବିରତୀ ସୁଦ୍ଧା ନ୍ୟୁଜିଲ୍ୟାଣ୍ଡ ୧୪୦/୫ରେ ରହିଥିଲା। ନିକୋଲସ ୬୬ ଓ ଫିଲ୍ସ ୪୨ ରନ କରିଥିଲେ। ଏହାପରେ ଉଭୟ ଆଉ ୧୦୩ ରନ ଯୋଡ଼ି ନ୍ୟୁଜିଲ୍ୟାଣ୍ଡକୁ ବିପର୍ଯ୍ୟୟରୁ ଉଦ୍ଧାର କରିଛନ୍ତି। ନିକୋଲସ ଶତକ ହାସଲ କରିବା ପରେ ଭାରତକୁ ସୁଯୋଗ ଦେଇଥିଲେ।ସେ ୧୦୨ ରନ କରିଥିବା ବେଳେ ପ୍ରସିଦ୍ଧଙ୍କ ବଲରେ ବ୍ୟାକୱର୍ଡ ସ୍କୱେରା ଲେଗ ଅଞ୍ଚଳରେ ଶଟ ଖେଳିଥିଲେ। ବଲ ଉପରକୁ ଉଠିଥିବା ବେଳେ ଉଭୟ ପନ୍ତ ଓ ଦେବଦତ୍ତ ପାଡିକ୍କଲ ଏହାକୁ ଧରିବାକୁ ଗିଡ଼ିଥିଲେ।ଉଭୟଙ୍କ ମଧ୍ୟରେ ତାଳମେଳର ଅଭାବ ଦେଖାଯାଇଥିଲା। ଶେଷରେ ପାଡିକ୍କଲ ଏହାକୁ ଧରିବାକୁ ଯାଇ ଖସାଇ ଦେଇଥିଲେ। ଭାରତ ଗୋଟିଏ ସବୁର୍ଣ୍ଣ ସୁଯୋଗ ହାତ ଛଡ଼ା କରିଥିଲା।ଏହାପରେ ସେ କିମ୍ବା ଫିଲିପ୍ସ ଭାରତକୁ ଆଉ କୌଣସି ସୁଯୋଗ ଦେଇଥିଲେ। ଉଭୟ ଷଷ୍ଠ ଅପସାରଣ ଯାଏ ବ୍ୟାଟିଂ କରି ଭାରତୀୟ କ୍ୟାମ୍ପରେ ନିରାଶା ଖେଳାଇ ଦେଇଛନ୍ତି। ଭାରତ ଆଜି ୪ ଜଣ ଦ୍ରୁତ ବୋଲର ଓ ୱାଶିଂଟନ ସୁନ୍ଦରଙ୍କ ରୂପରେ ଏକମାତ୍ର ସ୍ପିନରଙ୍କୁ ନେଇ ମୈଦାନକୁ ଓହ୍ଲାଇଛି।ରବୀନ୍ଦ୍ର ଜାଡେଜା, ମହମ୍ମଦ ସିରାଜ, ସାଇ ସୁଦର୍ଶନ ଓ ଗୁରନୁର ବ୍ରାର ପ୍ରଥମ ଟେଷ୍ଟରେ ସୁଯୋଗ ପାଇ ନାହାନ୍ତି।

ଟୋକିଓ ଅଲିମ୍ପିକ୍ସ ବିଜୟିନୀଙ୍କୁ ହରାଇଲେ ରକ୍ଷିତା

ହଂକଂ: ଭାରତର ରକ୍ଷିତା ରାମରାଜ ଏଠାରେ ଚାଲିଥିବା ହଂକଂ ଓପନ୍ ସୁପର ୫୦୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ଗୁରୁବାର ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି। ମହିଳା ଏକକ ପ୍ରିକ୍ୱାର୍ଟରଫାଇନାଲ୍‌ରେ ଏହି ୧୯ ବର୍ଷୀୟ ଭାରତୀୟ ଯୁବତୀ ସିଧାସଳଖ ୨୧-୧୮, ୨୪-୨୨ ଗେମ୍‌ରେ ଟୋକିଓ ଅଲିମ୍ପିକ୍ସ ବିଜୟିନୀ ଚୀନ୍ ଖେଳାଳି ୟୁ ଫେଇଙ୍କୁ ପରାସ୍ତ କରିଛନ୍ତି।

ବିଶ୍ୱର ୪ ନମ୍ବର ଫେଇଙ୍କୁ ହରାଇ ରକ୍ଷିତା ନିଜ ଖେଳ ଜୀବନରେ ବଡ଼ ବିଜୟ ପାଇଛନ୍ତି। ସେ ପରବର୍ତ୍ତୀ ରାଉଣ୍ଡରେ ସେ ଇଲାଣ୍ଡର ପର୍ଷପାଣ୍ଡି ଚୋରୁଓ୍ୱଙ୍କୁ ଭେଟିବେ। ପୁରୁଷ ଏକକ ତାରକା ଲକ୍ଷ୍ୟ ସେନ୍ ଏବଂ ଯୁଗଳ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ନିଜ ନିଜ ମ୍ୟାଚ୍ ଜିତି ଆଗକୁ ବଢ଼ିଛନ୍ତି। ନିକଟରେ ହାଇଲୋ ଓପନ୍ ଓ କୁମୋମୋତୋ ମାଷ୍ଟର୍ସ ଜାପାନ୍‌ରେ ଟ୍ରଫି ଜିତିଥିବା ୨୫ ବର୍ଷୀୟ ଲକ୍ଷ୍ୟ ୨୧-୧୧, ୨୧-୧୮ରେ ଡେନ୍‌ମାର୍କର ରାସମୁସ ଗେମ୍‌କେଙ୍କୁ ହରାଇଥିଲେ। କ୍ୱାର୍ଟରଫାଇନାଲ୍‌ରେ ସେ ୨୦୨୧ ବିଶ୍ୱ ବିଜେତା ଲୋ କିନ୍ ୟିଙ୍କୁ ଭେଟିବେ। ଯୁଗଳରେ ପଞ୍ଚମ ମାନ୍ୟତାପ୍ରାପ୍ତ ସାତ୍ୱିକ-ଚିରାଗ ୨୧-୧୯, ୨୧-୧୬ରେ ମାଲେସିଆର ନୁର ମହମ୍ମଦ ଆକ୍ରିନ୍ ଆୟୁବ ଓ ତାନ୍ ୱି କିଓଙ୍ଗଙ୍କୁ ପରାସ୍ତ କରିଥିଲେ। ପରବର୍ତ୍ତୀ ରାଉଣ୍ଡରେ ଏହି ଭାରତୀୟ ଯୋଡ଼ି ଚୀନ୍‌ର ହୁ କେ ୟୁଆନ୍ ଓ ଲିନ୍ ଜିଆଙ୍ଗ ୟିଙ୍କୁ ଭେଟିବେ। ମହିଳା ଏକକରେ ଅସ୍ମିତା ଚାଲିହା ଏବଂ ଯୁଗଳରେ ବିଶ୍ୱ କାଂସ୍ୟ ବିଜୟିନୀ ଯୋଡ଼ି ତ୍ରିଶା ଜଲି ଓ ଗାୟତ୍ରୀ ଗୋପୀଚାନ୍ଦଙ୍କ ଅଭିଯାନ ପ୍ରିକ୍ୱାର୍ଟରଫାଇନାଲ୍‌ରେ ଶେଷ ହୋଇଛି।



ବଲ୍ ଟାମ୍ପରିଂ ବିଷୟରେ ଜାଣିଥିଲା ପୂରା ଅଷ୍ଟ୍ରେଲିଆ ଟିମ୍

ନୂଆଦିଲ୍ଲୀ, ୧୯।୧୧: ବହୁ ଚର୍ଚ୍ଚିତ ୨୦୧୮ ମସିହା ଅଷ୍ଟ୍ରେଲିଆର ବଲ ଟାମ୍ପରିଂ ବିବାଦ ଦିନକୁ ଦିନ ଘନେଇବାର ଲାଗିଛି। ଏହି ବିବାଦର ମୁଖ୍ୟ ଖଳନାୟକ କୁହାଯାଉଥିବା କାମେରନ ବାନକ୍ରଫ୍ଟ ଦୀର୍ଘ ୮ ବର୍ଷ ପରେ ମୁହଁ ଖୋଲିଛନ୍ତି।ଦକ୍ଷିଣ ଆଫ୍ରିକା ବିପକ୍ଷ ଉକ୍ତ ମ୍ୟାଚ୍‌ରେ ସ୍ୟାଣ୍ଡପେପର ବଲ୍‌ରେ ବ୍ୟବହାର ହୋଇଥିବା କଥା ପୂରା ଅଷ୍ଟ୍ରେଲିଆ ଟିମ ଜାଣିଥିଲା। ହେଲେ କେପ ଟାଉନ ଟେଷ୍ଟ ବେଳେ କ୍ୟାମେରା ସାମ୍ନାରେ ବାନକ୍ରଫ୍ଟ ବଲରେ ବାଲି କାଗଜ ଘଷୁଥିବା ଦେଖାଯିବାରୁ ତାଙ୍କୁ ବଳି କା ବକରା ବନାଇ ଦିଆଯାଇଥିଲା ବୋଲି ସେ କହିଛନ୍ତି।

ଅଷ୍ଟ୍ରେଲିଆ ଟିମର ପୂର୍ବତନ ଓପନର ବାନକ୍ରଫ୍ଟ ଗୋଟିଏ ଖବରକାଗଜରେ ଦଳର ବରିଷ୍ଠ ଖେଳାଳି ଓ କୋଚିଂ ଷ୍ଟାଫଙ୍କ ସମ୍ପର୍କରେ

ବାନକ୍ରଫ୍ଟଙ୍କ ସାଂଘାତିକ ଅଭିଯୋଗ

ଅନେକ ସାଂଘାତିକ ଅଭିଯୋଗ ଆଣିଛନ୍ତି। ପ୍ରାରମ୍ଭିକ ତଦନ୍ତରେ ସେ ସଂପୂର୍ଣ୍ଣ ସ୍ୱଚ୍ଛତା ପ୍ରଦର୍ଶନ କରି ନଥିବା ମଧ୍ୟ ସ୍ୱୀକାର କରିଛନ୍ତି। କିନ୍ତୁ ଏବେ ସେ ୨୦୧୮ କେପ ଟାଉନ ଟେଷ୍ଟରେ ଯାହା ସବୁ ଘଟିଥିଲା, ତା'ର ଖୁଲାସା କରିବାକୁ ପ୍ରସ୍ତୁତ ଥିବା କହିଛନ୍ତି। ୩୩ ବର୍ଷୀୟ ବାନକ୍ରଫ୍ଟଙ୍କ କହିବା କଥା ଯେ ନିକଟରେ ଅଷ୍ଟ୍ରେଲିଆ ଟିମର କ୍ୟାପ୍‌ଟେନ ପାଟ କମିନ୍ସ ଦେଇଥିବା ବୟାନ ତାଙ୍କୁ ମୁହଁ ଖୋଲିବାକୁ ବାଧ କରିଛି। କମିନ୍ସଙ୍କ ପ୍ରେସ କନଫରେନ୍ସ ପରେ ସେ ଧୋକାର ଶିକାର ହୋଇଥିବା ଓ ଏକୁଟିଆ ହୋଇଯାଇଥିବା ଅନୁଭବ କରୁଛନ୍ତି।

ସେ କହିଛନ୍ତି, "ମୋ କ୍ରିକେଟ କ୍ୟାରିୟର ଧ୍ୱଂସ ହୋଇଯାଇଛି। ୨୦୧୯ରୁ ଜଷ୍ଟିନ ଲାଙ୍ଗର କୋଚ ଥିବା ପରଠାରୁ ମୁଁ ମୋ ଦେଶ ପାଇଁ ଖେଳିବାକୁ ଅକ୍ଷମ ହୋଇଛି। ମୁଁ ଏମିତି ଏକ ସ୍ଥାନରେ ପହଞ୍ଚି ଯାଇଛି, ଯେଉଁଠି ଘଟଣାର ଅଧୂରା ତଥ୍ୟ ସତ ଠାରୁ ଅଧିକ କ୍ଷତି ଭଳି ଲାଗୁଛି।" ଉସମାନ ଖ୍ୱାଜାଙ୍କ ବହିକୁ ସେ ପ୍ରଶଂସା କରିଛନ୍ତି। ବାନକ୍ରଫ୍ଟ ଦାବି କରିଛନ୍ତି ଯେ ବଲର ପରିଚାଳନା ଓ ଅଷ୍ଟ୍ରେଲିଆ କେମିତି ୨୦୧୮ ଦକ୍ଷିଣ ଆଫ୍ରିକା ଟୁର ବେଳେ ଅଧିକ ରିଭର୍ସ ସୁଇଂ ହାସଲ କରିବ ସେକଥା ଡାଭିଡ ୱାର୍ଣ୍ଣର ବହୁଳ ଭାବେ ଦାୟିତ୍ୱ ନେଇଥିଲେ।ହେଲେ ଅଷ୍ଟ୍ରେଲିଆ ଡର୍ବାନ ଟେଷ୍ଟ ଜିତିବା ପରେ ଏହି ଆଭିମୁଖ୍ୟରେ ପରିବର୍ତ୍ତନ ଆସିଥିଲା। ଉକ୍ତ ବିଜୟ ପରେ ଦଳ ଅହଂକାରୀ ହୋଇଯାଇଥିଲା। ପୋର୍ଟ ଏଲିଜାବେଥରେ ବଲକୁ ରିଭର୍ସ ସୁଇଂ



କରିବା ପାଇଁ ବାଲି କାଗଜର ବ୍ୟବହାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଏହି ଆଲୋଚନା ବେଳେ ତତ୍କାଳୀନ ମୁଖ୍ୟ କୋଚ ଡାରେନ ଲେହମାନ ଓ ବୋଲିଂ କୋଚ ଡାଭିଭ ସାକେର ଉପସ୍ଥିତ ଥିଲେ। କିନ୍ତୁ ଷ୍ଟିଭ ସ୍ମିଥ ଏହି ଯୋଜନାରୁ ନିଜକୁ ଦୂରେଇ ରଖିଥିଲେ।

ସେହି ସିରିଜରେ କ୍ୟାମେରା ୱାର୍ଣ୍ଣରଙ୍କୁ ବହୁଳ ଭାବେ ପିଛା କରୁଥିଲେ। ତେଣୁ ବାନକ୍ରଫ୍ଟ ନିଜେ ବାଲି କାଗଜ ଘଷିବାର ଦାୟିତ୍ୱ ନେଇଥିଲେ। ସେ ସ୍ୱୀକାର କରିଛନ୍ତି ଯେ ସେ ଯାହା କରୁଥିଲେ ସେଥିରେ ତାଙ୍କୁ ଅସହଜ ଲାଗୁଥିଲା। କିନ୍ତୁ ତାଙ୍କୁ ନିଜର ଯୋଗ୍ୟତା ସାବ୍ୟସ୍ତ କରିବା ଓ ଟେଷ୍ଟ ଟିମରେ ନିଜର ସ୍ଥାନ ମଜବୁତ କରିବା ପାଇଁ ସେ ବାଧ ହୋଇ ଏସବୁ କରିଥିଲେ। ବାନକ୍ରଫ୍ଟ ଆହୁରି ଅଭିଯୋଗ କରିଛନ୍ତି ଯେ ବଲ୍‌ର ସ୍ଥିତି ସମ୍ପର୍କରେ ସେ କରିଥିବା ଆଲୋଚନା କେବଳ କୋଚିଂ ଷ୍ଟାଫଙ୍କ ମଧ୍ୟରେ ସୀମିତ ନଥିଲା। ସେ ଦ୍ରୁତ ବୋଲର ପାଟ କମିନ୍ସ, ମିଚେଲ ଷ୍ଟାର୍କ, ଜୋଶ ହାଜେଲଉଡ ଓ ମିଚେଲ ମାର୍ଶଙ୍କ ସମେତ ୱିକେଟ କିପର ଟିମ ପେନଙ୍କ ଠାରୁ ବଲ ଆବଶ୍ୟକତା ଅନୁସାରେ ସୁଇଂ ହେଉଛି କି ନାହିଁ, ସେକଥା ବୁଝିଥିଲେ।

ସେ କହିଛନ୍ତି, "ସମସ୍ତ ବୋଲର ବଲ ଉପରେ ମୁଁ କରିଥିବା ହେରଫେର କାମ କରୁଛି କି ନାହିଁ, ତା'ର ଫିଡବ୍ୟାକ ଦେଇଥିଲେ। ମୁଁ ମୋ ଟିମର ସେହି ଖେଳାଳିଙ୍କ ସହ ଆଲୋଚନା କରିଥିଲି ଯେଉଁମାନେ ମୁଁ କେବଳ ବଲର କ୍ୱାର୍ଟର ସିମ୍‌କୁ ଭିଡ଼ି ନଥିଲି ବରଂ ବାଲି କାଗଜ ବ୍ୟବହାର କରିଥିଲି।"ବାନକ୍ରଫ୍ଟ ଦାବି କରିଛନ୍ତି ଯେ ପୋର୍ଟ ଏଲିଜାବେଥରେ ଦଳର ମିଡିଆ ମ୍ୟାନେଜର ଏହାକୁ ଦାବି କରିଥିଲେ। କିନ୍ତୁ ଅଷ୍ଟ୍ରେଲିଆ କ୍ୟାମ୍ପରେ ଥିବା ଅନ୍ୟମାନେ ଏଥିପାଇଁ ତାଙ୍କୁ ପ୍ରଶଂସା କରିଥିଲେ। ଏହି ଯୋଜନା କେପ ଟାଉନରେ ଖେଳା ଯାଉଥିବା ତୃତୀୟ ଟେଷ୍ଟରେ ମଧ୍ୟ ବ୍ୟବହାର କରାଯାଇଥିଲା। ହେଲେ ଏହି ଟେଷ୍ଟରେ ବଲରେ ବାଲି କାଗଜ ଘଷିବା ବେଳେ କ୍ୟାମେରାରେ ବାନକ୍ରଫ୍ଟ ଧରା ପଡ଼ି ଯାଇଥିଲେ।

କ୍ୟାମେରାରେ ଧରା ପଡ଼ିବା ବରେ ପିଟର ହ୍ୟାଣ୍ଡସ୍କମ୍ବ ତୁରନ୍ତ ପଡ଼ିଆକୁ ଆସିଥିଲେ।ବାନକ୍ରଫ୍ଟ ବ୍ୟବହାର କରିଥିବା କାଗଜକୁ ତୁରନ୍ତ ତାଙ୍କ ଠାରୁ ନେଇ ଆସିବାକୁ ମୁଖ୍ୟ କୋଚ ଲେହମାନ ହିଁ ପିଟରଙ୍କୁ ପଠାଇଥିଲେ। ଯଦି ସେ କିଛି ଜାଣି ନଥିଲେ, ତା'ହେଲେ କାହିଁକି ପିଟରଙ୍କୁ ପଠାଉଥିଲେ ବୋଲି ବାନକ୍ରଫ୍ଟ ପ୍ରଶ୍ନ କରିଛନ୍ତି। ଏପଟେ ୮ ବର୍ଷ ତଳର ବାଲି କାଗଜ କେଲେଙ୍କାରୀ ପୁଣି ଚର୍ଚ୍ଚାକୁ ଫେରିବାରୁ କ୍ରିକେଟ ଅଷ୍ଟ୍ରେଲିଆ ଗୋଟିଏ ସ୍ୱାଧୀନ ଫୋରମ ଗଠନ କରିଛି। ଏହି ଫୋରମ ନିକଟରେ ପୂରା ବିବାଦରେ ଜଡ଼ିତ ଖେଳାଳିମାନେ ସେମାନଙ୍କ ଅଭିଜ୍ଞତା ରେକର୍ଡ କରାଇ ପାରିବେ। ଏବେ ବାନକ୍ରଫ୍ଟ ଉକ୍ତ ଫୋରମ ନିକଟରେ ହାଜର ହେବେ ବୋଲି କହିଛନ୍ତି। ୨୦୧୮ ବାଲି କାଗଜ କେଲେଙ୍କାରୀ ଘଟଣା ପରେ ୱାର୍ଣ୍ଣର, ସ୍ମିଥ ଓ ବାନକ୍ରଫ୍ଟଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହୋଇଥିଲା। କିନ୍ତୁ ଅନ୍ୟମାନେ ମଧ୍ୟ ଏହି ଅପରାଧରେ ସାମିଲ ଥିବା ବାନକ୍ରଫ୍ଟ କହିବା ପରେ ହଇଚଇ ସୃଷ୍ଟି ହୋଇଛି।

ସିରାଜଙ୍କୁ ବାଦ ଦେବାକୁ ନେଇ ବର୍ଷିଲେ ସେହୱାଗ-ଶାସ୍ତ୍ରୀ

ନୂଆଦିଲ୍ଲୀ, ୧୯।୧୧: ଗୁରୁବାର ଦିନ ୱେଲିଂଟନରେ ଆରମ୍ଭ ହୋଇଥିବା ପ୍ରଥମ ଟେଷ୍ଟରୁ ମହମ୍ମଦ ସିରାଜଙ୍କୁ ବାଦ ଦିଆଯିବା ନେଇ ତୀବ୍ର ବିତର୍କ ଆରମ୍ଭ ହୋଇଛି। ପୂର୍ବତନ କ୍ରିକେଟ କିମ୍ବଦନ୍ତୀ ଏବଂ ପୂର୍ବତନ ମୁଖ୍ୟ ପ୍ରଶିକ୍ଷକ ରବି ଶାସ୍ତ୍ରୀ ଏବଂ ବୀରେନ୍ଦ୍ର ସେହୱାଗ ସିରାଜଙ୍କୁ ପ୍ଲେଇଂ ଇଲେଭେନରୁ ବାଦ ଦିଆଯିବା ଉପରେ କ୍ଷୋଭ ପ୍ରକାଶ କରିଛନ୍ତି। ପ୍ରକୃତରେ, ୱେଲିଂଟନ ଟେଷ୍ଟରୁ ସିରାଜଙ୍କୁ ବାଦ ଦିଆଯିବା ପ୍ରତ୍ୟେକ ମଞ୍ଚରେ ଆଲୋଚନାର ବିଷୟ ପାଲଟିଛି। ପୂର୍ବତନ ମୁଖ୍ୟ ପ୍ରଶିକ୍ଷକ ରବି ଶାସ୍ତ୍ରୀ ସିରାଜ ଏବଂ ରବିନ୍ଦ୍ର ଜାଡେଜାଙ୍କୁ ବାଦ ଦେବାର ଭାରତର ନିଷ୍ପତ୍ତିକୁ କଡ଼ା ସମାଲୋଚନା କରିଛନ୍ତି। ସେ ଦଳ ଚୟନ ଏବଂ ସେମାନଙ୍କ ସ୍ଥାନରେ ୱାଶିଂଟନ ସୁନ୍ଦରଙ୍କୁ ସାମିଲ କରିବାର ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଇଛନ୍ତି। ପୂର୍ବତନ ଓପନର ସେହୱାଗ କହିଛନ୍ତି, 'ନ୍ୟୁଜିଲାଣ୍ଡ ବିପକ୍ଷରେ ପ୍ଲେଇଂ ଇଲେଭେନରୁ ମହମ୍ମଦ ସିରାଜଙ୍କ ଅନୁପସ୍ଥିତି ଆଶ୍ଚର୍ଯ୍ୟଜନକ, ବିଶେଷକରି ଇଂଲଣ୍ଡ ସିରିଜରେ ତାଙ୍କର ଚମତ୍କାର ପ୍ରଦର୍ଶନ ପରେ ସେ ସେତେବେଳେ ଭାରତର ସର୍ବୋତ୍ତମ ବୋଲର ଥିଲେ ଏବଂ ନିଶ୍ଚିତ ଭାବରେ ଦଳରେ ସ୍ଥାନ ପାଇବାକୁ ଯୋଗ୍ୟ।' ସେ ଆହୁରି କହିଛନ୍ତି, 'ଯଦିଓ ସମସ୍ତ ଭାରତୀୟ ବୋଲରଙ୍କ ପାଖରେ ଭଲ ପ୍ରଦର୍ଶନ କରିବାର ସମ୍ଭାବନା ଅଛି, ସିରାଜ ତାଙ୍କର ସାମ୍ପ୍ରତିକ ପ୍ରଦର୍ଶନ ଯୋଗୁଁ ଚୟନ ପାଇଁ ଏକ ଦୃଢ଼ ଦାବିଦାର ଥିଲେ। ସତ କହିବାକୁ ଗଲେ, ମୋ ମତରେ, ଆଜି ମହମ୍ମଦ ସିରାଜଙ୍କୁ ନ ଖେଳାଇବା ଏକ ଅତ୍ୟନ୍ତ ଖରାପ ଚୟନ ନିଷ୍ପତ୍ତି।'

ଅନୁତାପ କରିବେ କୋହଲି : କପିଳଦେବ

ନୂଆଦିଲ୍ଲୀ, ୧୯।୧୧: ପୂର୍ବତନ ଭାରତୀୟ କ୍ରିକେଟ ଅଧିନାୟକ କପିଳ ଦେବ ପୁଣି ଥରେ ବିରାଟ କୋହଲିଙ୍କ ଟେଷ୍ଟ କ୍ରିକେଟରୁ ଅବସର ନେବା ନିଷ୍ପତ୍ତି ଉପରେ ପ୍ରତିକ୍ରିୟା ଦେଇଛନ୍ତି। ୨୦୨୫ ମେ' ମାସରେ କ୍ରିକେଟର ସବୁଠାରୁ ସୁନ୍ଦର ଫର୍ମାଟକୁ ବିଦାୟ ଦେଇ କୋହଲି ସାରା ବିଶ୍ୱକୁ